

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୭ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 AUGUST 2023

Vol.No. 35 ■ No. 216 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କେନ୍ଦ୍ର କ୍ୟାବିନେଟ ବୈଠକରେ ୧୬୯ଟି ସହରରେ ଇଲେକ୍ଟ୍ରିକ ବସ ସହ ବିଶ୍ୱକର୍ମା ଯୋଜନାକୁ ମଞ୍ଜୁରୀ



ନୂଆଦିଲ୍ଲୀ, ୧୬/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଆଜି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମଞ୍ଜୁରୀ ଦିଆଯାଇଛି । କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବାକୁ ଅନୁମୋଦନ କରାଯାଇଛି । ଏଥିପାଇଁ ୫୭,୬୧୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ସାରା ଦେଶରେ ପ୍ରାୟ ୧୦୦୦୦ ନୂତନ ଇଲେକ୍ଟ୍ରିକ୍ ବସ୍ ଉପଲବ୍ଧ ହେବ । ୫୭,୬୧୩ କୋଟି ଟଙ୍କା ମଧ୍ୟରୁ ୨୦,୦୦୦ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିବେ। କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଏହି ଯୋଜନାରେ ୩ ଲକ୍ଷ ଏବଂ ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ। ଏହି ଯୋଜନା ଅଧୀନରେ ପବ୍ଲିକ୍ ପ୍ରାଇଭେଟ ପାର୍ଟନରସିପ୍ (ପିପିପି) ମଡେଲରେ ୧୦୦୦୦ ଇ-ବସ୍ ସହିତ ସିଟି ବସ୍ ଚଳାଯିବ । ପାଖାପାଖି ୧୬୯ଟି ସହରରେ ଇଲେକ୍ଟ୍ରିକ ବସ ଚାଲିବାକୁ ଥିବାବେଳେ ଏହି ଯୋଜନାରେ ୧୦ ବର୍ଷ ପାଇଁ ବସ୍ ଚଳାଚଳ କରିବ । ପ୍ରଧାନମନ୍ତ୍ରୀ ଇ-ବସ ସେବା ସହ ଗତକାଲି ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ବିଶ୍ୱକର୍ମା ଯୋଜନାକୁ ବି ଆଜି କ୍ୟାବିନେଟ ବୈଠକରେ ମଞ୍ଜୁରୀ ଦିଆଯାଇଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ କାରିଗରମାନଙ୍କ ପାଇଁ ବିଶ୍ୱକର୍ମା ଯୋଜନା ଘୋଷଣା କରିଥିଲେ । ଆଉ କେନ୍ଦ୍ର କ୍ୟାବିନେଟ ୧୩୦୦୦ କୋଟି ଟଙ୍କାର ବିଶ୍ୱକର୍ମା ଯୋଜନାକୁ ଅନୁମୋଦନ କରିଛି। ସେ କହିଛନ୍ତି ଯେ ଏହି ଯୋଜନା ମାଧ୍ୟମରେ କାରିଗରମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ୫ ପ୍ରତିଶତ ସୁଧରେ ଦିଆଯିବ । ବିଶ୍ୱକର୍ମା ଯୋଜନା ଦ୍ୱାରା ୩୦ ଲକ୍ଷ କାରିଗର ପରିବାର ଉପକୃତ ହେବେ । ଏହା ବ୍ୟତୀତ କେନ୍ଦ୍ର କ୍ୟାବିନେଟ୍ ୧୪,୯୦୩ କୋଟି ଟଙ୍କାର ଡିଜିଟାଲ୍ ଇଣ୍ଡିଆ ବିସ୍ତାର ଯୋଜନାକୁ ଅନୁମୋଦନ କରିଛି। ସେହିପରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଡିଜି ଲକର କେବଳ ନାଗରିକଙ୍କ ପାଇଁ ଉପଲବ୍ଧ ଥିବାବେଳେ ୪୦୦ ମିଲିୟନରୁ ଅଧିକ ଗ୍ରାହକ ଅଛନ୍ତି। ଖୁବ୍ ଶୀଘ୍ର ଏମଏସଏମଇ ପାଇଁ ଡିଜି ଲକର ସୁବିଧା ଆରମ୍ଭ ହେବ।

## କ୍ରିପ୍ଟୋ ଇନଭେଷ୍ଟମେଂଟ ନାଁରେ ଠକେଇ ଘଟଣା : ଆଉ ଜଣେ ଗିରଫ

ଭୁବନେଶ୍ୱର, ୧୬/୦୮ (ନି.ପ୍ର): ଏସଟିଏ କ୍ରିପ୍ଟୋ ଇନଭେଷ୍ଟମେଂଟ ନାଁରେ ହଜାରେ କୋଟି ଟଙ୍କାର ଠକେଇ ଘଟଣାରେ କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ରତ୍ନାକର ପଲେଇ। ଗିରଫ ଅଭିଯୁକ୍ତ ଉକ୍ତ ସଂସ୍ଥା ପାଇଁ କାମ କରିବା ସହ ସୋସିଆଲ ମିଡିଆରେ ସଂସ୍ଥାର ପ୍ରଚାର ପ୍ରସାର କରୁଥିଲା। ସଂସ୍ଥାର ଭାରତ ମୁଖ୍ୟ ଗୁରୁତେଜ ସିଂ ଓ ଓଡିଶା ମୁଖ୍ୟ ନିରଦ ଦାସ ପୂର୍ବରୁ ଗିରଫ ହୋଇଥିବା ବେଳେ ସେମାନଙ୍କୁ ରିମାଣ୍ଡରେ ଆଣି ତଥ୍ୟ ସଂଗ୍ରହ କରୁଛି ଇଓଡବ୍ଲୁ। ପୂର୍ବରୁ ଉଭୟଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ଓପିଆଇଡି କୋର୍ଟରେ ଆବେଦନ କରିଥିଲା ଇଓଡବ୍ଲୁ। ତେବେ ୩ ଦିନ ହିଁ ମଞ୍ଜୁର କରିଥିଲେ କୋର୍ଟ। ସୂଚନାନୁସାରେ, ଏସଟିଏ ସଂସ୍ଥା ଭାରତର ବିଭିନ୍ନ ରାଜ୍ୟ ସହ ଓଡିଶାର ଭଦ୍ରକ, ବାଲେଶ୍ୱର, ଭୁବନେଶ୍ୱର, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲାରେ କ୍ରିପ୍ଟୋ କରେନ୍ସି କାରବାର ଚଳାଇଥିଲା।

## ଫେବୃଆରୀ ୧୪ରୁ +୨ ପରୀକ୍ଷା



ଭୁବନେଶ୍ୱର, ୧୬/୦୮ (ନି.ପ୍ର): ଆସନ୍ତାବର୍ଷ ଫେବୃୟାରୀ ୧୪ତାରିଖରୁ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ । ଏହି ପରୀକ୍ଷା ମାର୍ଚ୍ଚ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବଧିରେ ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ହେବ । ଆଜି ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବାର୍ଷିକ କ୍ୟାଲେଣ୍ଡର ଜାରି କରାଯାଇ ସୂଚନା ଦିଆଯାଇଛି । ପରିଷଦ ପ୍ରଥମଥର ପାଇଁ ପ୍ରାୟ ୬ମାସ ପୂର୍ବରୁ ଫର୍ମ ଫିଲଅପଠୁ ଆରମ୍ଭ କରି ପରୀକ୍ଷା ଓ ଫଳ ପ୍ରକାଶନ ସଂକ୍ରାନ୍ତରେ ସୂଚନା ଦେଇଛି । ପରିଷଦ ପକ୍ଷରୁ ଜାରି ୨୦୨୩-୨୪ ବାର୍ଷିକ ଏକାଡେମିକ କ୍ୟାଲେଣ୍ଡର ଅନୁସାରେ ଚଳିତବର୍ଷ ନଭେମ୍ବର ୧୦ରୁ ୨୫ତାରିଖ ପର୍ଯ୍ୟନ୍ତ ଯୁକ୍ତ ଦୁଇ (ରେଗୁଲାର) ଶ୍ରେଣୀର ଛାତ୍ରଛାତ୍ରୀମାନେ ଅନଲାଇନରେ ଫର୍ମ ଫିଲଅପ୍ କରିବେ । ସେହିପରି ଏକ୍ସରେଗୁଲାର ଛାତ୍ରଛାତ୍ରୀମାନେ ଚଳିତବର୍ଷ ସେପ୍ଟେମ୍ବର ୧୫ରୁ ୩୦ମଧ୍ୟରେ ଫର୍ମ ଫିଲଅପ୍ କରିବେ । ଉଭୟ ରେଗୁଲାର ଓ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କ ଫର୍ମ ଫିଲଅପ୍ ଦସ୍ତାବିଜ ନଭେମ୍ବର ୨୭ରୁ ୩୦ତାରିଖ ମଧ୍ୟରେ ପରିଷଦରେ ଦାଖଲ କରାଯିବ। ବାର୍ଷିକ ପରୀକ୍ଷା ନିମନ୍ତେ ଡିସେମ୍ବର ୨୫ତାରିଖରେ ଆଡମିଟ୍ କାର୍ଡ ଅନଲାଇନରେ ଇସ୍ୟୁ କରାଯିବ ।

▶▶ପୃଷ୍ଠା ୭

## ଅଶାନ୍ତ ଭୁବନେଶ୍ୱର ମାର୍କେଟ ବିଲ୍ଡିଂ: ଉଠା ଦୋକାନୀ ଓ ସ୍ଥାୟୀ ଦୋକାନୀ ମୁହାଁମୁହିଁ



ଭୁବନେଶ୍ୱର, ୧୬/୦୮ (ନି.ପ୍ର): ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ପୁଣି ଅଶାନ୍ତି ଦେଖାଦେଇଛି। ଉଠା ଦୋକାନୀ ଓ ସ୍ଥାୟୀ ଦୋକାନୀ ମୁହାଁମୁହିଁ ହୋଇଛନ୍ତି। ଉଠା ଦୋକାନୀଙ୍କୁ ସେଣ୍ଟ୍ରାଲ ମାର୍କେଟ ଆସୋସିଏସନର ବିରୋଧ କରିଛନ୍ତି। ଉଠା ଦୋକାନୀ ଜବରଦସ୍ତ ବସିବାକୁ ଉଦ୍ୟମ ବେଳେ ମୁହାଁମୁହିଁ ହୋଇଛନ୍ତି। ଆଜି ଅପରାହ୍ନରେ ଉଠା ଦୋକାନୀମାନେ ମାର୍କେଟ ବିଲ୍ଡିଂରେ ନିଜର ପସରା ମେଲାଇବାକୁ ଚେଷ୍ଟା କରିଥିଲେ। ହେଲେ ▶▶ପୃଷ୍ଠା ୭

## ଫସଲହାନି କାରଣରୁ ଭାଙ୍ଗିପଡ଼ିଲେ ଚାଷୀ: କୀଟନାଶକ ପିଇ ଜୀବନ ହାରିଲେ

ମୋହନା, ୧୬/୦୮ (ନି.ପ୍ର): ଋଣଭାର ସାଙ୍ଗକୁ ଫସଲହାନି ଘଟଣାରେ ମାନସିକ ଦୁଶ୍ଚିନ୍ତାରେ ଗଜପତିଜ ଜିଲ୍ଲାରେ ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। କାରଣରୁ ଭାଙ୍ଗିପଡ଼ି କୀଟନାଶକ ପିଇ ଆତ୍ମହତ୍ୟା କଲେ ଚାଷୀ। ଗଜପତି ଜିଲ୍ଲା ମୋହନା ବ୍ଲକ୍ ଓ ଅଡ଼ବା ଥାନା ଅଧୀନ ଫଟାଚାଈଡ଼ା ଗ୍ରାମରେ ଏହି ଅଭାବନୀୟ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତକଜଣକ ହେଉଛନ୍ତି, ଉକ୍ତ ଗ୍ରାମର ଗୌରଚନ୍ଦ୍ର କାର୍ଜି। ସୂଚନାନୁସାରେ, ଲଗାତାର ଫସଲ କ୍ଷତି ସହୁଥିବା ବେଳେ ଗୌରଚନ୍ଦ୍ର ଚଳିତବର୍ଷ ସାହୁକାରଙ୍କ ଠାରୁ ଋଣ ଆଣି ବିହନ ଓ ପିଡ଼ିଆ କିଣି ଚାଷ କରିଥିଲେ। କିନ୍ତୁ ଏଥର ଜଳାଭାବ ଓ ବର୍ଷାଭାବ କାରଣରୁ ଜମିରେ ମଞ୍ଜି ପକାଇଲେ ମଧ୍ୟ ଭଲ ଗଜା ହୋଇ ନଥିଲା। ଧାନ ଏବଂ ମକା ଉଭୟ ଚାଷରେ ଗୌରଚନ୍ଦ୍ର କ୍ଷତି ସହିଥିଲେ। ଯାହାକୁ ନେଇ ସେ କିଛିଦିନ ହେଲା ଚିନ୍ତାଗ୍ରସ୍ତ ଥିଲେ। ଗତକାଲି ରାତିରେ ସେ ହଠାତ୍ କୀଟନାଶକ ପିଇଦେବାରୁ ଅବସ୍ଥା ଗୁରୁତର ହୋଇଥିଲା। ପ୍ରଥମେ ମୋହନା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିଲା। ▶▶ପୃଷ୍ଠା ୭

## ରାଜରାସ୍ତାରେ ଗର୍ଜିଲେ ଶିକ୍ଷକ: ଆନ୍ଦୋଳନକୁ ଓହ୍ଲାଇଲା ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ

ଭୁବନେଶ୍ୱର ୧୬/୦୮: ପୁଣି ରାଜଧାନୀ ରାଜରାସ୍ତାରେ ଗର୍ଜିଲେ ଶିକ୍ଷକ । ଆନ୍ଦୋଳନକୁ ଓହ୍ଲାଇଲା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦେବାକୁ ଚେତାବନୀ ଦେଇଛି ସଂଘ । ଆଜିଠୁ ୩ ଦିନ ପାଇଁ ଲୋୟର ପିଏମ୍ ଜି ରେ ଧାରଣା ଦେଇଛନ୍ତି ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ । ଏ ଆନ୍ଦୋଳନ ଆଜିର ନୁହେଁ ଅନେକ ଦିନର। ଚାକିରି ସର୍ତ୍ତାବଳୀ ସହିତ ଅବସରକାଳୀନ ସୁବିଧା ଯୋଗାଇ ଦେବାକୁ ଦାବି କରିଛି ସଂଘ । ପେନସନ ବ୍ୟବସ୍ଥା ଲାଗୁ କରିବାକୁ ମୁଖ୍ୟତଃ ଦାବି କରିଛି ଓଷ୍ଟା, ଯାହାକୁ ନେଇ ଆଜି ରାଜ୍ୟ ର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଏକାଠି ହୋଇ ଭୁବନେଶ୍ୱର ଲୋୟର ପିଏମଜିରେ ଗର୍ଜିଛନ୍ତି । ପୁରୁଣା ପେନସନ, ଅନୁଦାନ ଅସଙ୍ଗତି ଦୂର କରିବା, ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ ବ୍ୟବସ୍ଥା କରିବାକୁ ସଂଘ ଦାବି କରିଛି।

## ୧୮ରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର: ଆଜିଠୁ ବର୍ଷିବ




ଭୁବନେଶ୍ୱର, ୧୬/୦୮ (ନି.ପ୍ର): ଆସନ୍ତା ୧୮ ତାରିଖ ବେଳକୁ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର। ଏନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏନେଇ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଉତ୍ତର-ପୂର୍ବ, ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ଅଛି। ଏହି ଘୂର୍ଣ୍ଣିବଳୟ ସମୁଦ୍ର ମଧ୍ୟରେ ବାୟୁମଣ୍ଡଳର ୪.୫ ରୁ ୭.୬କିମି ଉଚ୍ଚତା ମଧ୍ୟରେ ସକ୍ରିୟ ରହିଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର ବଙ୍ଗୋପସାଗରରେ ୧୮ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆଜିଠୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୧୭ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, ବଲାଙ୍ଗିର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ▶▶ପୃଷ୍ଠା ୭

## ବଦଳିବ ଅଦାଲତର ଭାଷା : ଏଣିକି ରାୟରେ ରହିବନି 'ଦେହଜୀବୀ', 'ଅବିବାହିତ ମା' ଓ 'ବ୍ୟଭିଚାରିଣୀ' ଭଳି ଶବ୍ଦ



ନୂଆଦିଲ୍ଲୀ,୧୬/୦୮ : ଅଦାଲତର ରାୟରେ ମହିଳାମାନଙ୍କ ପ୍ରତି ପ୍ରଚଳିତ ହୋଇଆସିଥିବା କେତେକ ଶବ୍ଦର ବ୍ୟବହାର ଉପରେ ରୋକ୍ ଲାଗିବ। ଅଦାଲତରେ ଅଜାଣତରେ ଲିଙ୍ଗଗତ ଭେଦଭାବକୁ ପ୍ରୋତ୍ସାହିତ ନ କରିବା ପାଇଁ ବିଚାରପତିମାନଙ୍କୁ ସଚେତନ କରିବା ଲାଗି ସୁପ୍ରିମ୍‌କୋର୍ଟ ପକ୍ଷରୁ ପ୍ରକାଶିତ ହୋଇଛି 'ହ୍ୟାଣ୍ଡବୁକ୍ ଅନ୍ କମ୍ବ୍ୟାଟିଂ ଜେଣ୍ଡର ଷ୍ଟିରିଓଟାଇପ୍ସ'। ମହିଳାମାନଙ୍କ ପ୍ରତି ବ୍ୟବହାର ହେଉଥିବା 'ପ୍ରଷ୍ଟିଚ୍ୟୁଟ୍', 'ହୁକର', 'ମିଷ୍ଟ୍ରେସ୍', 'ସ୍ଲଟ୍' ... ପରି ପ୍ରାୟ ୪୦ଟି ଶବ୍ଦକୁ ବାଦ୍ ଦେବାକୁ ପରାମର୍ଶ ଦିଆଯାଇଛି । ଏଥିସହ ଅନେକ ପ୍ରଚଳିତ ଶବ୍ଦକୁ ବଦଳାଇ ନୂଆ ପ୍ରତିଶବ୍ଦ ପ୍ରଣୟନ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଆଜି 'ହ୍ୟାଣ୍ଡବୁକ୍ ଅନ୍ କମ୍ବ୍ୟାଟିଂ ଜେଣ୍ଡର ଷ୍ଟିରିଓଟାଇପ୍ସ'ର ଶୁଭାରମ୍ଭ କରିଛନ୍ତି। ଅତୀତର ଅଦାଲତ ରାୟରେ ବ୍ୟବହୃତ କଠୋର ଶବ୍ଦଗୁଡ଼ିକୁ ଦର୍ଶାଇ ସେ କହିଛନ୍ତି, ଏହି ଶବ୍ଦଗୁଡ଼ିକ ଅନୁପଯୁକ୍ତ ଏବଂ ଅଦାଲତର ରାୟରେ ମହିଳାଙ୍କ ପାଇଁ ବ୍ୟବହୃତ ହୋଇଛି। ଏହି ପୁସ୍ତକର ଉଦ୍ଦେଶ୍ୟ ସେହି ରାୟଗୁଡ଼ିକୁ ସମାଲୋଚନା କରିବା କିମ୍ବା ସେମାନଙ୍କ ଉପରେ ସନ୍ଦେହ କରିବା ନୁହେଁ। ଏହା କେବଳ ଲିଙ୍ଗଗତ ଧାରଣାକୁ କିପରି ଅଜାଣତରେ ବଜାୟ ରଖାଯାଇଥାଏ ତାହା ଦର୍ଶାଇବା ପାଇଁ ଉଦ୍ଦିଷ୍ଟ। ନ୍ୟାୟିକ ନିଷ୍ପତ୍ତି ନେବାରେ ପ୍ରଚଳିତ ଢ଼ାଞ୍ଚା କିପରି ପ୍ରଭାବ ପକାଇପାରେ ତାହା ବର୍ଣ୍ଣନା କରି ପୁସ୍ତକରେ କୁହାଯାଇଛି, ଯେକୌଣସି ବ୍ୟକ୍ତିଙ୍କ ପରି ଜଣେ ବିଚାରପତି ମଧ୍ୟ ଅଜାଣତରେ ଧାରଣାର ବଶବର୍ତ୍ତୀ ହୋଇଥାଆନ୍ତି । ଯଦି ଜଣେ ବିଚାରପତି ମାମଲାର ବିଚାର କରିବା ସମୟରେ କିମ୍ବା ରାୟ ଲେଖିବା ସମୟରେ ବ୍ୟକ୍ତି କିମ୍ବା ଗୋଷ୍ଠୀ ବିଷୟରେ ପୂର୍ବଧାରଣା ଉପରେ ନିର୍ଭର କରନ୍ତି, ତେବେ ଏହାର କ୍ଷତି ବହୁତ ଅଧିକ ହୋଇପାରେ। ଏପରିକି ଯେତେବେଳେ ବିଚାରପତିମାନେ ଆଇନଗତ ଭାବେ ସଠିକ୍ ଫଳାଫଳରେ ପହଞ୍ଚନ୍ତି, ▶▶ପୃଷ୍ଠା ୭

## ଇଣ୍ଡିଆ ମେଣ୍ଟରେ ଫାଟ: କଂଗ୍ରେସ-ଆପ୍ ମଧ୍ୟରେ ତିକ୍ତତା



ନୂଆଦିଲ୍ଲୀ,୧୬/୦୮ : ବିଜେପି ବିରୋଧରେ ଏକାଠି ହୋଇଥିବା ବିରୋଧୀ ମେଣ୍ଟ ଇଣ୍ଡିଆରେ ଫାଟ। ମୌସୁମୀ ଅଧିବେଶ ବେଳେ ଓ ଏହା ପୂର୍ବରୁ ପରସ୍ପରକୁ ସମର୍ଥନ କରୁଥିବା ଆପ ଏବଂ କଂଗ୍ରେସ ମଧ୍ୟରେ ଏବେ ତିକ୍ତତା ଆରମ୍ଭ ହୋଇଛି। ସ୍ଥିତି ଏପରି ହୋଇଛି ଯେ ଆସନ୍ତା ୩୧ରେ ବସିଥିବାରୁ ଥିବା ଇଣ୍ଡିଆର ତୃତୀୟ ବୈଠକରେ ଆପ୍ ଯୋଗଦେବାର ଆଉ ଆବଶ୍ୟକତା ନଥିବା ମଧ୍ୟ କହିବାକୁ ପଛାଇ ନାହିଁ। ପ୍ରଥମେ କଂଗ୍ରେସ ନେତ୍ରୀ ଅଲକା ଲାମ୍ବା କହିଥିଲେ ଯେ ଦଳ ଦିଲ୍ଲୀର ସମସ୍ତ ୭ ଲୋକସଭା ଆସନରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିବ। କଂଗ୍ରେସ ଏକତରଫା ଭାବେ ଏକାକୀ ସମସ୍ତ ୭ ଆସନରେ ଲଢ଼ିବାକୁ ବୟାନ ଦେଇଥିବାରୁ ଏହାକୁ ଆପ୍ ସହଜରେ ଗ୍ରହଣ କରିପାରି ନାହିଁ। କଂଗ୍ରେସ ମେଣ୍ଟ କରିବା ମୁଡରେ ନଥିବାରୁ ଆଉ ବିରୋଧୀ ମେଣ୍ଟ ଇଣ୍ଡିଆରେ ଯୋଗଦେବାର ମୂଲ୍ୟ ନଥିବା ଆପ୍ କହିଛି। ▶▶ପୃଷ୍ଠା ୭

# କଣ୍ଟ ପୂରିଲା, ସରିଲାନି ଇନ୍‌ଡୋର ଷ୍ଟାଡିୟମ କାମ: ଡିଜାଇନ ପ୍ରସ୍ତୁତିରେ ବିଳମ୍ବ, ନିରାଶ କ୍ରୀଡ଼ାବିତ୍



ପୁରୀ, ୧୬/୦୭ (ନି.ପ୍ର): କଣ୍ଟ ପୂରିଲା, କିନ୍ତୁ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍ ନିର୍ମାଣ କାମ ସରିଲାନି। ବକ୍ସିଂ ଆରିନାର ଭିତ୍ତିଭୂମିକୁ ନେଇ ଦେଖାଯାଇଥିବା ସ୍ୱପ୍ନ ମଧ ସାକାର ହେଲା ନାହିଁ। ଫନି ବାତ୍ୟାରେ ଭୁଶୁଡ଼ି ପଡ଼ିଥିବା ଇନ୍‌ଡୋର ହଲ ପାଇଁ ୯କୋଟି ୮୩ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। ମାତ୍ର ଡିଜାଇନ୍ ପ୍ରସ୍ତୁତିରେ ପୁରୀ ରାସ୍ତା ଓ କୋଠାବାଡ଼ି ଡିଭିଜନର ଅହେତୁକ ବିଳମ୍ବ ଯୋଗୁ କାମ ଧିମେଇ ଚାଲିଛି। ଏଣେ ଭିତ୍ତିଭୂମି ଅଭାବରୁ ଜିମ୍ନାଷ୍ଟିକ, ବକ୍ସିଂ ଓ କୁସ୍ତି ପ୍ରଶିକ୍ଷଣ ପାଇଁ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ମିଳୁନାହିଁ। ପୁରୀରୁ ନୂଆ କ୍ରୀଡ଼ାବିତ୍ ସୃଷ୍ଟି ହେବା ସ୍ୱପ୍ନ ହୋଇଯାଇଛି। ୧୯୮୬-୮୭ ମସିହାରେ ପୁରୀ ଜିଲ୍ଲାରେ କ୍ରୀଡ଼ା ଛାତ୍ରାବାସର ଶୁଭାରମ୍ଭ ହୋଇଥିଲା। ଲକ୍ଷ୍ୟ ଥିଲା, ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ଖୋଜି ହଷ୍ଟେଲରେ ପ୍ରଶିକ୍ଷଣ ଦେବା ଓ ରାଜ୍ୟ ପାଇଁ ଗୌରବ ସାଉଁଟିବା। ଏପରିକି ପରବର୍ତ୍ତୀ ସମୟରେ ୨୦୦୦ ମସିହା ସେପ୍ଟେମ୍ବର ୧୭ ତାରିଖରେ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍, ବ୍ୟାୟାମଶାଳା ଓ କ୍ରୀଡ଼ା ଛାତ୍ରାବାସର ନୂଆ ବିଲ୍‌ଡିଂ ନିର୍ମାଣ ହୋଇଥିଲା। ଭିତ୍ତିଭୂମି ଉନ୍ନତ କରାଗଲା। କ୍ରୀଡ଼ା ଛାତ୍ରାବାସରେ ୫୫ ଛାତ୍ରଛାତ୍ରୀ ରହିବା ସହ କ୍ରୀଡ଼ାଭ୍ୟାସ ଓ ପ୍ରଶିକ୍ଷଣ ନେଉଥିଲେ। ସେହିପରି ୨୦୧୪ ମସିହାରେ ବକ୍ସିଂ ଛାତ୍ରାବାସର ଶୁଭାରମ୍ଭ ହୋଇଥିଲା। ୧୬ ଜଣ ପିଲା ଛାତ୍ରାବାସରେ ରହି ବକ୍ସିଂ ଅଭ୍ୟାସ କରୁଥିଲେ। ମାତ୍ର ୨୦୧୯ ମସିହାରେ ବକ୍ସିଂ ପାଇଁ ମିଳୁଥିବା ଛାତ୍ରାବାସ ସୁବିଧା ସମ୍ପୂର୍ଣ୍ଣ ବନ୍ଦ କରିଦିଆଗଲା। ତେଣୁ ବକ୍ସିଂ ପ୍ରତିଭାଙ୍କ ସ୍ୱପ୍ନ ଧୂଳିସାତ ହୋଇଗଲା। ଫନି ମହାବାତ୍ୟା ହିଁ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଦୁର୍ଗତି ଆଣିଲା। ହଲ୍‌ଟି ଫନି ମାଡ଼ରେ ଭାଙ୍ଗି ଛିନ୍‌ଛତ୍ର ହୋଇଗଲା। କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଆସି ଏହାର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଲେ। ଆଧୁନିକ ଶୈଳୀ ଛାପରେ ଇନ୍‌ଡୋର ହଲ୍ ନିର୍ମାଣ କରିବା ପାଇଁ ନକ୍ସା ପ୍ରସ୍ତୁତ ହେଲା। ମାତ୍ର ଏହି ଇନ୍‌ଡୋର ହଲ୍ କାମ କରୁଥିବା ରାସ୍ତା ଓ କୋଠାବାଡ଼ି ଡିଭିଜନ ଡିଜାଇନ ଦେବାରେ ବିଳମ୍ବ କଲା। ତେଣୁ ଗତ ଜୁଲାଇ ୨୩ ତାରିଖ ସୁଦ୍ଧା ଏହି ଇନ୍‌ଡୋର ହଲର ନିର୍ମାଣ କାର୍ଯ୍ୟ ସାରିବା ପାଇଁ କଣ୍ଟ ଦିଆଯାଇଥିଲେ ହେଁ କାମ ଏପର୍ଯ୍ୟନ୍ତ ସରିପାରିନାହିଁ। ଯଦିଓ ନିର୍ମାଣ କାର୍ଯ୍ୟ ୮୦ ପ୍ରତିଶତ ହୋଇଛି, କିନ୍ତୁ ଆନୁଷଙ୍ଗିକ ଭିତ୍ତିଭୂମି ବ୍ୟବସ୍ଥା କରିବା ପାଇଁ ଅନ୍ୟୁନ ୪-୫ ମାସ ଲାଗିବ ବୋଲି ଜଣେ ଅଧିକାରୀ କହିଛନ୍ତି। ବିଡ଼ମ୍ବନା ହେଉଛି, ଭିତ୍ତିଭୂମି ଅଭାବର ଆଳ ଦେଖାଇ ପୁରୀ ମାଟିର ଖେଳ 'କୁସ୍ତି' ପ୍ରଶିକ୍ଷଣକୁ କଟକ କ୍ରୀଡ଼ା ଛାତ୍ରାବାସକୁ ସ୍ଥାନାନ୍ତରିତ କରିଦିଆଗଲା। ପରବର୍ତ୍ତୀ ସମୟରେ ଜିମ୍ନାଷ୍ଟିକର ବିପର୍ଯ୍ୟୟ ଆରମ୍ଭ ହେଲା। ଭିତ୍ତିଭୂମି ଅଭାବରୁ ପିଲାମାନେ ଇନ୍‌ଡୋର ହଲ୍ ବାହାରେ ଜିମ୍ନାଷ୍ଟିକ ଅଭ୍ୟାସ କଲେ। କିନ୍ତୁ କାଳକ୍ରମେ ଏହାକୁ ବି ବାହାର ଜିଲ୍ଲାକୁ ସ୍ଥାନାନ୍ତର କରିଦିଆଗଲା। ଯଦିଓ ପେଣ୍ଠକଟାରେ ୧୦୦ ଜଣିଆ କ୍ରୀଡ଼ା ଛାତ୍ରାବାସର ବ୍ୟବସ୍ଥା ହୋଇଛି, କିନ୍ତୁ ଏଯାଏ କ୍ରୀଡ଼ା ପାଇଁ ଯଥେଷ୍ଟ ଭିତ୍ତିଭୂମି ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି। ନିର୍ମାଣାଧୀନ ଇନ୍ ଡୋର ହଲ୍ ଓ ବକ୍ସିଂ ଆରିନାରେ ବକ୍ସିଂ ସମେତ ଜିମ୍ନାଷ୍ଟିକ୍, ଟେବୁଲ ଟେନିସ, କୁସ୍ତି ଆଦି ପାଇଁ ଭିତ୍ତିଭୂମି ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ମାତ୍ର କଣ୍ଟ ପୂରିଯାଇଥିବାରୁ କାମ କେବେ ଶେଷ ହେବ, ଏହାର ଜବାବ ରଖିପାରୁନାହାନ୍ତି ଅଧିକାରୀ। ତୁରନ୍ତ ଇନ୍‌ଡୋର ହଲ୍ କାମ ସାରି କ୍ରୀଡ଼ା ପ୍ରଶିକ୍ଷଣ ଦେବାକୁ ଦାବି ହୋଇଛି। ଶ୍ରୀଜଗନ୍ନାଥ ଷ୍ଟାଡିୟମରେ କ୍ରୀଡ଼ା ଛାତ୍ରାବାସକୁ ମଧ ତ୍ୱରିତ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି।

# ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣରେ ଅନିୟମିତତା: ମୁଣ୍ଡା ସିମେଣ୍ଟରେ ହେଉଛି ଢଳେଇ



ନୂଆଗାଁ, ୧୬/୦୭ (ନି.ପ୍ର): ମୁଣ୍ଡା ସିମେଣ୍ଟରେ ବେପରୁଆ ଭାବେ ଚାଲିଛି ଢଳେଇ କାମ। କାର୍ଯ୍ୟସ୍ଥଳୀକୁ ନା ଠିକାଦାର, ନା ଯନ୍ତ୍ରୀ କେହି ବି ଆସୁନାହାନ୍ତି। ବ୍ଲକ୍ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ କିଭଳି ଭାବେ ନିମ୍ନମାନର ହେଉଛି ତାର ଏକ ଝଲକ ଦେଖିବାକୁ ମିଳିଛି। ଏହି କାର୍ଯ୍ୟ କୌଣସି ଅପନ୍ତରିଆ ଅଞ୍ଚଳରେ ହେଉନାହିଁ, ବରଂ ବ୍ଲକ୍ ସଦରମହକୁମାରେ ଚାଲିଛି। ଆଜି ସକାଳେ ସ୍ଥାନୀୟ ଲୋକଙ୍କ ନଜର ପଡ଼ିବାରେ ଏ ନେଇ ଅଭିଯୋଗ ହେବା ପରେ କାମ ବନ୍ଦ ପାଇଁ କୁହାଯାଇଥିଲେ ସୁଦ୍ଧା ଏଥିପ୍ରତି କେହି ଦୃଷ୍ଟି ଦେଇନଥିଲେ। ଏପରିକି ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଏ ବାବଦରେ ଅବଗତ କରାଯାଇଥିଲେ ମଧ କେ ?ଣସି ସୁଫଳ ମିଳିନାହିଁ। ସୂଚନା ମୁତାବକ, ନୂଆଗାଁ ବ୍ଲକ୍ ସଦରମହକୁମାରେ ବ୍ଲକ୍ ପ୍ରାଣୀ ଚିକିତ୍ସାଳୟର ଗୃହ ନିର୍ମାଣ କାର୍ଯ୍ୟ ଏକ ଠିକାସଂସ୍ଥା ଦ୍ୱାରା ଚାଲିଛି। ବିଡ଼ମ୍ବନାର ବିଷୟ, ଦିନ ବେଳା ମୁଣ୍ଡା ମୁଣ୍ଡା ସିମେଣ୍ଟରେ ବିଲ୍ଡିଂର ମୂଳଦୁଆ କାମ ଚାଲିଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିବା ପରେ ମୁଣ୍ଡା ସିମେଣ୍ଟରେ କାମ ନକରିବା ପାଇଁ ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ କୁହାଯାଇଥିଲେ ସୁଦ୍ଧା ସେମାନେ କାହାରି କଥାକୁ ଖାତିର କରିନଥିଲେ। ସେହି ସିମେଣ୍ଟଗୁଡ଼ିକୁ ଗୁଣ୍ଡ କରି ତରବରିଆ ଭାବେ ଢଳେଇ କାର୍ଯ୍ୟ ସାରିଦେଇଥିଲେ। ଘଟଣା ବିଷୟରେ ନୂଆଗାଁ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରେ ସେ କହିଲେ, ଠିକାଦାର କିମ୍ବା ଯନ୍ତ୍ରୀ କେହି କାର୍ଯ୍ୟସ୍ଥଳୀକୁ ଆସୁନାହାନ୍ତି। ପ୍ରଥମେ ଦୁଇ ମାସ କାମ କରିଦେଇ ଶ୍ରମିକମାନେ କାମ ଛାଡ଼ି ଚାଲି ଯାଇଥିବା ବେଳେ ଏବେ ଦୁଇ ଦିନ ହେଲା ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯଦି ମୁଣ୍ଡା ସିମେଣ୍ଟରେ କାମ ହେଉଛି ତାହେଲେ ଠିକାସଂସ୍ଥାକୁ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

# ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠିତ




ବାଲେଶ୍ୱର, ୧୬/୦୭ (ନି.ପ୍ର): ମହାତ୍ମାଗାନ୍ଧି ସ୍ମୃତି ପରିଷଦ, ସିନ୍ଧିଆ, ଆଙ୍ଗୁଲା ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ମହାତ୍ମାଗାନ୍ଧିଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଆଙ୍ଗୁଲା ଠାରେ ସ୍ଥାପନ କରାଯାଇଛି। ସ୍ମୃତି ପରିଷଦର ଆବାହକ ସମାଜସେବୀ ଶ୍ରୀ ଚକ୍ରଧର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା 'ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗନ୍ଧିଙ୍କ ଭୂମିକା' ସଂପର୍କରେ ଉପସ୍ଥିତ ବ୍ୟକ୍ତି ସର୍ବଶ୍ରୀ ପ୍ରମୋଦ କାନୁନଗୋ, ସୁମନ୍ତ କୁମାର ନାଥ, ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ବେହେରା, ଘନାଶ୍ୟାମ ମହାପାତ୍ର, ଗୋପୀନାଥ ଦାସ, ରାଜକିଶୋର ଦାସ, ମକରନ୍ଦ ମହାନ୍ତି, ସୁଦର୍ଶନ ନାଥ ଓ ଶତ୍ରୁଘ୍ନ ନାଥ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ର/ଛାତ୍ରୀ ଓ ଅଂଚଳର ଶତାଧିକ ଲୋକ ଏଥିରେ ଯୋଗ ଦେଇଥିଲେ। ସମସ୍ତେ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ।

# ବିପଦସଂକୁଳ ପୋଲ, ବାଉଁଶ ବାଡ଼ା ଭରସା



ପୁରୀ, ୧୬/୦୭ (ନି.ପ୍ର): ଭାର୍ଗବୀର ଭରା ନଈ ଉପରେ ଯାଇଥିବା ପୋଲ ବିପଦସଙ୍କୁଳ ଘୋଷଣା ହୋଇଛି। ମାତ୍ର ଯାତାୟାତର ଅନ୍ୟ ବିକଳ୍ପ ନଥିବାରୁ ବାସିନ୍ଦାମାନେ ଏହି ପୋଲ ଉପରେ ଯାତାୟାତ କରୁଛନ୍ତି। ପୋଲ ତଳ ଭାଗ ଭାଙ୍ଗି ଦୁର୍ବଳ ହୋଇଗଲାଣି। ପୋଲ ଅଣ ଓସାରିଆ ହୋଇଥିବା ବେଳେ ଯାତାୟାତ ପାଇଁ ଯଥେଷ୍ଟ ସ୍ଥାନ ନାହିଁ। ଅନ୍ୟପକ୍ଷରେ ପୋଲର ଦୁଇ ପାର୍ଶ୍ୱରେ ନିର୍ମିତ କଂକ୍ରିଟ୍ ବାଡ଼ା ଭାଙ୍ଗିରୁଜିଗଲାଣି। ବହୁ ପୁରୁଣା ପୋଲ ହୋଇଥିବାରୁ ଅଧିକାଂଶ ସ୍ଥାନରେ ବାଡ଼ା ଭାଙ୍ଗି ଯାଇଥିବା ବେଳେ ବାଉଁଶ ବାଡ଼ା ଦେଇ ନିବୁଜ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ପୋଲ ୭ ବର୍ଷ ତଳୁ ବିପଦସଂକୁଳ ବୋଲି ଘୋଷଣା ହୋଇସାରିଛି। ତେଣୁ ଜଳସମ୍ପଦ ବିଭାଗ ପକ୍ଷରୁ କେଇ ହାତ ଦୂରରେ ଆଉ ଏକ ସେତୁ ନିର୍ମାଣ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ପୁରୁଣା ପୋଲ ବିପଦସଂକୁଳ ଘୋଷଣା ପରେ ଜିଲ୍ଲା ବାହାରର ଠିକାଦାର ଏହି ନୂଆ ପୋଲ ତିଆରି କଲେ। କିନ୍ତୁ ପୋଲକୁ ଏତେ ଉଚ୍ଚା କରିଦେଲେ ଯେ ଏହା କେଉଁଠି ଲ୍ୟାଣ୍ଡ୍ କରିବ ବା ଦୁଇପାର୍ଶ୍ୱକୁ ସଂଯୋଗ କରିବ, ତାର ବାଟ ପାଉନାହାନ୍ତି। ପୋଲର ଗୋଟିଏ ପାର୍ଶ୍ୱରେ ଭାର୍ଗବୀ ବନ୍ଧ ଥିବାବେଳେ ଅନ୍ୟପାର୍ଶ୍ୱରେ ରହିଛି ଗାଁ। ଏହି ତ୍ରୁଟିପୂର୍ଣ୍ଣ କାମ ପରେ ପୋଲଟି ସେହିଭଳି ଅଧାଗଢ଼ା ଅବସ୍ଥାରେ ପଡ଼ିରହିଛି। ଠିକାଦାର ବି ଏ ବାବଦରେ କୋଟି କୋଟି ଟଙ୍କା ନେଇଛନ୍ତି। କିନ୍ତୁ ଏ ଯାଏ ଏହା ଯାତାୟାତଯୋଗ୍ୟ ହୋଇପାରିଲା ନାହିଁ। ଏଣେ ଲୋକେ ପ୍ରତିଦିନ ବିପଦପୂର୍ଣ୍ଣ ଭାବେ ଯା'ଆସ କରୁଛନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି। ଜାନକା ଦେଇ ପୁରଠାରେ ଭାର୍ଗବୀର ଶାଖା ନଦୀ କାଞ୍ଚି ଉପରେ ନିର୍ମାଣ ହୋଇଥିବା ଏହି ପୋଲ ବହୁ ପୁରୁଣା। ଏହା ଉପରେ ବହୁ ଗ୍ରାମ ନିର୍ଭର କରୁଛନ୍ତି। ପ୍ରତିଦିନ ଏହି ବିପଦସଂକୁଳ ଘୋଷିତ ରାସ୍ତାରେ ବହୁ ଭାରୀଯାନ ବି ଯାତାୟାତ କରୁଛି। ଏଣେ ୭ ବର୍ଷ ହେଲା ନିର୍ମାଣ ଚାଲିଥିବା ନୂଆ ପୋଲ କାମ ଝୁଲି ରହିଛି, ଅନ୍ୟପକ୍ଷରେ ବାସିନ୍ଦାମାନେ ଯାତାୟାତର ବିକଳ୍ପ ନପାଇ ପ୍ରତିଦିନ ବିପଦକୁ ଆମନ୍ତ୍ରଣ କରି ଏହି ରାସ୍ତାରେ ଯା'ଆସ କରୁଛନ୍ତି। ଯଦି କୌଣସି ବଡ଼ ଦୁର୍ଘଟଣା ଘଟେ ତେବେ ଯାଇ ପ୍ରଶାସନର ଚେତା ପଶିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ: ସ୍ୱତନ୍ତ୍ର କ୍ୟାବିନ୍ ପାଲଟିଛି ଗୋଦାମ, ରୋଗୀଙ୍କ ପାଇଁ ନିଘା ନାହିଁ



ନୟାଗଡ, ୧୬/୦୭ (ନି.ପ୍ର): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ପାଇଁ ଥିବା ସ୍ୱତନ୍ତ୍ର କ୍ୟାବିନ୍ ଗୋଦାମରେ ପରିଣତ ହୋଇଛି। ଏଠାରେ ଚିକିତ୍ସାଳୟରେ ନିର୍ମାଣ କାର୍ଯ୍ୟ ପାଇଁ ନିୟୋଜିତ ଠିକା ସଂସ୍ଥାର ସିମେଣ୍ଟ୍‌ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ରଖାଯାଇଛି। ରୋଗୀଙ୍କ ସ୍ୱାର୍ଥକୁ ପଛରେ ପକାଇ ସ୍ୱତନ୍ତ୍ର କ୍ୟାବିନ୍‌କୁ ଗୋଦାମ କରିବା ପଛର ଉଦ୍ଦେଶ୍ୟ କ'ଣ ବୁଝା ପଡୁନାହିଁ। ଯେଉଁ ରୋଗୀ ସାଧାରଣ ୱାର୍ଡରେ ନରହି ଆବଶ୍ୟକୀୟ ଦେୟ ଦାଖଲ କରି ସ୍ୱତନ୍ତ୍ର କ୍ୟାବିନ୍‌ରେ ରହିବାକୁ ଚାହୁଥିଲେ, ସେମାନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଏହାର ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ଏହା ଗୋଦାମରେ ପରିଣତ ହୋଇଥିବାରୁ ରୋଗୀଙ୍କୁ ସୁବିଧା ମିଳୁନି। ଏହାକୁ ନେଇ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ରୋଗୀଙ୍କ ପାଇଁ ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ଏହି ସ୍ୱତନ୍ତ୍ର କ୍ୟାବିନ୍ କରୋନା ମହାମାରୀ ପରଠାରୁ ଅଚଳ ପଡ଼ିଥିଲା। ୨୦୨୨-୨୩ ବର୍ଷରେ କିଛି ମାସ ପାଇଁ ଏହାକୁ କାର୍ଯ୍ୟକ୍ଷକ କରାଯାଇଥିବା ବେଳେ, ଏହା ପୁନର୍ବାର ଅଚଳ ପଡ଼ିଛି। ଫଳରେ ଡାକ୍ତରଖାନା କର୍ତ୍ତୃପକ୍ଷ ଏହାକୁ ଗୋଦାମ ଘର କରିଦେଇଛନ୍ତି। ବହୁ ବର୍ଷ ପୂର୍ବେ ନୟାଗଡ଼ ଘରୋଇ ପରିବହନ ବସ୍ କର୍ମଚାରୀ ସଂଘ ସହଯୋଗରେ ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର କ୍ୟାବିନ୍‌ର ନିର୍ମାଣ କରାଯାଇଥିଲା। କିନ୍ତୁ ଏହା ଖରାପ ହୋଇଯିବାରୁ ରାଜ୍ୟ ସରକାର ନୟାଗଡ଼ ମୁଖ୍ୟଚିକିତ୍ସାଳୟ ପରିସରରେ ୮ଟି ସ୍ୱତନ୍ତ୍ର କ୍ୟାବିନ୍ ନିର୍ମାଣ କରିଥିଲା। ୨୦୧୯ ଫେବୃଆରି ୨୨ ତାରିଖରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ରୋଗୀଙ୍କଠାରୁ ୧୫୦ ଟଙ୍କା ୟୁଜର୍ସ ଫି ଭାବେ ନିଆଯାଇ ଏହି ସ୍ୱତନ୍ତ୍ର କ୍ୟାବିନ୍ ତାଙ୍କୁ ଯୋଗାଇ ଦିଆଯାଉଥିଲା। ରୋଗୀଙ୍କ ସହ ତାଙ୍କର ଦେଖାଶୁଣା କରୁଥିବା ତାଙ୍କ ସହାୟକ ଏଥିରେ ସୁବିଧାରେ ରହିପାରୁଥିଲେ। କିନ୍ତୁ ଆଉ ସେ ସୁବିଧା ରୋଗୀଙ୍କୁ ମିଳୁନାହିଁ। ଏହି କ୍ୟାବିନ୍‌କୁ ଠିକାସଂସ୍ଥା, ପୂର୍ତ୍ତ ବିଭାଗ ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ଗୋଦାମ କରିଦେଇଛନ୍ତି। ଏନେଇ ଏଡିଏମ୍‌ଓ ଡା. ସୁଧାଂଶୁ ଷଡ଼ଙ୍ଗୀଙ୍କୁ ପଚାରିବାରୁ ନିର୍ମାଣ କାମ ପାଇଁ କିଛି ଗୃହରେ ସିମେଣ୍ଟ୍, ରଙ୍ଗ ଆଦି ରଖାଯାଇଛି।


# ବୃକ୍ଷ ଲଗାଇ ପାଳନ କଲେ ସ୍ୱାଧୀନତାର ଅମୃତ ମହୋତ୍ସବ

ବିଶୋଇ, ୧୬/୦୭ (ନି.ପ୍ର): ଆଜି ୭୭ତମ ସ୍ୱାଧୀନତା ଦିବସ ଅବସରରେ ସାରା ଭାରତ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରୁଥିବା ବେଳେ ମୟୂରଭଂଜ ଜିଲ୍ଲା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ବୃକ୍ଷ ଲଗାଇ ଏହି ଦିବସ ପାଳନ କରିଛି। ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଅଧିନ ପୁଣ୍ଡିଦା ଗ୍ରାମ ସନ୍ନିକଟରେ ବୃକ୍ଷ ଲଗାଇ ସ୍ୱାଧୀନତାର ଅମୃତ ମହୋତ୍ସବ ଦିବସରେ ସଚେତନତା ବାର୍ତ୍ତା ଦେଇଛନ୍ତି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ନବୀନ ଚନ୍ଦ୍ର ନାଏକ, ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କ୍ଷୀରଦ ଚନ୍ଦ୍ର ସିଂ, ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ର, ବିଶୋଇ ବନପାଳ ସଞ୍ଜୟ ପ୍ରସାଦ ବେହେରା ସମେତ ବନକର୍ମଚାରୀମାନେ ଓ ସ୍ଥାନୀୟ ବନ ସୁରକ୍ଷା ସମିତିର ମହିଳା ଓ ପୁରୁଷ ସଦସ୍ୟ ଏକତ୍ରିତ ହୋଇ ବୃକ୍ଷ ରୋପଣ କରିଥିଲେ। ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ନିହାତି ଆବଶ୍ୟକ ବୋଲି ରେଞ୍ଜର ଶ୍ରୀ ସିଂ କହିଥିଲେ। ଶେଷରେ "ବୃକ୍ଷ ବଞ୍ଚିଲେ ଜୀବନ ବଞ୍ଚିବ" ସ୍ଲୋଗାନ ଦେଇ ବନପାଳ ଜୀବନ ବଲ୍ଲଭ ପାତ୍ର ସମସ୍ତଙ୍କୁ ଶପଥ ଗ୍ରହଣ କରାଇଥିଲେ।

# ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୧୬/୦୭ (ନି.ପ୍ର): ନବ ନିଯୁକ୍ତ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କୁ ଆଜି ଭଦ୍ରକ ଜିଲ୍ଲା ବିଜେପି ପକ୍ଷରୁ ପାର୍ଟି କାର୍ଯ୍ୟାଳୟରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଭାପତି ଶ୍ରୀ ସାହୁ ତାଙ୍କ ଭଦ୍ରକ ଗସ୍ତରେ ଆସି ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି, ତିହିଡ଼ି ଆଦି ବ୍ଲକରେ ଗତ ବୈତରଣୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପାଇଁ ଗଭୀର ଉଦ୍‌ବେଗ ପ୍ରକଟ କରିବା ସହିତ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ମାଗଣାରେ ବିହନ, ସାର ଆଦି ଯୋଗାଇବାକୁ ଦାବୀ ଉପସ୍ଥାପନ କରିଥିଲେ। ବିଜେପି ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କ ପୌରୋହିତ୍ୟ ଏବଂ ମଙ୍ଗରାଜ ଜେନାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଭଦ୍ରକ ଜିଲ୍ଲା କୃଷକମୋର୍ଚ୍ଚା ଉପସଭାପତି ସନ୍ତୋଷ କୁମାର ସାହୁ ଜିଲ୍ଲାର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଭଦ୍ରକ ଜିଲ୍ଲା ବନ୍ୟାପ୍ରବଣ ଜିଲ୍ଲା। ଏହି ଜିଲ୍ଲାର ଚାଷୀମାନେ ବନ୍ୟାଯୋଗଁ ବ୍ୟାପକ କ୍ଷତି ସହି ଆସିଥାନ୍ତି। ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାର ତେଲିଆ ମୁଣ୍ଡରେ ତେଲ ଢାଳି ଚାଲିଥିବା ବେଳେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ ହକ୍ ପାଇବାରୁ ବଞ୍ଚିତ ହେଉଛି। ସେମାନଙ୍କୁ ସେମାନଙ୍କର ହକ୍ ଦେବାରେ ବିଜେପି କୃଷକମୋର୍ଚ୍ଚା ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ରାଜ୍ୟ ସଭାପତି ଶ୍ରୀଯୁକ୍ତ ସାହୁ କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଦୀପ ନାୟକ, ଅମ୍ବିକା ପ୍ରସନ୍ନ ଦାସ, ଶରତ ପଢିଆରୀ, ଭଗବାନ ପଣ୍ଡା, ତପନ କୁମାର ମହାନ୍ତି, କଳ୍ପନା ଜେନା, ରୀତାରାଣୀ ବେହେରା, ରଞ୍ଜିତ ମହାପାତ୍ର, ଶଙ୍କର୍ଷଣ ଜେନା, ଚିନ୍ତାମଣି ଷେଣ୍ଠେ, ଅମରେଶ ନାୟକ, ବିକାଶ ପାଢୀ, ବସନ୍ତ ବେହେରା, ରମେଶ ଜେନା, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରେଢ଼ାଖୋଲରୁ ପିଙ୍କ କ୍ୱାର୍ଜ ରାଜସ୍ଥାନକୁ ଚୋରା ଚାଲାଣ: ଡେରା ପକାଇଛନ୍ତି ଅନ୍ୟ ରାଜ୍ୟର ମାଫିଆ



ରେଢ଼ାଖୋଲ, ୧୬/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ତହସିଲ ଅନ୍ତର୍ଗତ ବାରବାଙ୍କ ଗାଁ ନିକଟରୁ ମୂଲ୍ୟବାନ ପିଙ୍କ କ୍ୱାର୍ଜ ପଥର ବହୁ ଦିନ ହେଲା ମାଫିଆମାନେ ରାଜସ୍ଥାନକୁ ଚୋରା ଚାଲାଣ କରୁଛନ୍ତି। ବାରବାଙ୍କ ନିକଟରେ ଏକ ବନ୍ଦ ଥିବା କ୍ରସର ନିକଟରେ ବହୁ ମାତ୍ରାରେ ଏହି ପିଙ୍କ କ୍ୱାର୍ଜ ପଥର ବାହାରୁ ଥିବା ଦେଖିବାକୁ ମିଳିଛି। କିଛି ମାସ ହେଲା ଅନ୍ୟ ରାଜ୍ୟର ମାଫିଆମାନେ ଆସି ଏଠାରେ ଡେରା ପକାଇଛନ୍ତି। ସ୍ଥାନୀୟ ଦଲାଲମାନଙ୍କ ଜରିଆରେ ଶ୍ରମିକ ନିୟୋଜିତ କରି କ୍ୱାର୍ଜ ସଂଗ୍ରହ କରାଯାଉଛି। ରାତିରେ ହିଁ ଏହି କାମ ଚାଲିଛି। ଏଠାରେ ଜେସିବି ମଧ ବ୍ୟବହାର କରାଯାଉଥିବା ଦେଖିବାକୁ ମଳିଛି। କ୍ୱାର୍ଜ ଖୋଳିବା ଫଳରେ ସେଠାରେ ବଡ଼ ବଡ଼ ଗାତ ଦେଖିବାକୁ ମିଳିଛି। ଏଠାରୁ ନିୟମିତ ରାଜସ୍ଥାନକୁ ଚୋରାଚାଲାଣ ହେଉଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡ଼ିଛି। ଗାତଗୁଡ଼ିକୁ ଦେଖିଲେ ଦୀର୍ଘ ମାସ ହେବ ଏହି କାରବାର ଚାଲିଥିବା ଅନୁମାନ କରାଯାଉଛି। ବାହାର ରାଜ୍ୟର ମାଫିଆ ଏଠାରେ କ୍ୱାର୍ଜ କାରବାର କରୁଥିଲେ ହେଁ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନଜରକୁ ନ ଆସିବା ସମସ୍ତଙ୍କୁ ବିସ୍ମିତ କରିଛି।

# ଫୁଡ଼ ଆଲର୍ଜି ହେଉଥିଲେ...





ଖାଦ୍ୟ କେବଳ ପେଟ ପୂରିବା ପାଇଁ ନାହିଁ ବରଂ ଏଥିରୁ ମିଳୁଥିବା ପୌଷ୍ଟିକତା ଆମ ଶରୀରରେ ପ୍ରତିରକ୍ଷା ତନ୍ତ୍ରକୁ ମଜଭୁତ କରିଥାଏ। କିନ୍ତୁ କିଛି ଖାଦ୍ୟ ଅନେକ ସମୟରେ ଆମ ପ୍ରତିରକ୍ଷା ତନ୍ତ୍ରରେ ସମସ୍ୟା ସୃଷ୍ଟି କରିଥାଏ ଯାହାକୁ ଫୁଡ଼ ଆଲର୍ଜି କୁହାଯାଏ। ସାଧାରଣତଃ ଫୁଡ଼ ଆଲର୍ଜି ହେବା ପିଲାଦିନରୁ ହିଁ ଜଣାଯାଇଥାଏ। ତେଣୁ ସେମାନଙ୍କ ପାଇଁ ଅନେକ ଖାଦ୍ୟ ଖାଇବାରେ ବାରଣ ରହିଥାଏ। ଏହାବ୍ୟତୀତ ସଂକ୍ରମଣ ଖାଦ୍ୟ ଖାଇଲେ ଏବଂ କିଛି ଲୋକଙ୍କର କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟକୁ ନେଇ ମଧ୍ୟ ଫୁଡ଼ ଆଲର୍ଜି ଦେଖାଦିଏ। ଫୁଡ଼ ଆଲର୍ଜିକୁ ଛୋଟକଥା ଭାବି ଅବହେଳା କରିବା ଅନୁଚିତ। କାରଣ ଏହି ରୋଗରୁ ଭବିଷ୍ୟତରେ ଆଜମା ଓ ଏକଜିମା ଭଳି ରୋଗ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଫୁଡ଼ ଆଲର୍ଜି ହେବା ଆରମ୍ଭ ହେଲେ ତାହାକୁ ତୁରନ୍ତ ଚିକିତ୍ସକଙ୍କୁ ଦେଖାନ୍ତୁ। କେଉଁ ଖାଦ୍ୟରୁ ଏହା ସୃଷ୍ଟି ହୋଇଥାଏ ସେହି ଖାଦ୍ୟରୁ ନିଜକୁ ଦୂରେଇ ରଖନ୍ତୁ। ଅତି କମରେ ଆଲର୍ଜି କମିବା ପର୍ଯ୍ୟନ୍ତ ତାହା ବାରଣ କରନ୍ତୁ। ତେଣୁ ଘରେ ଏବଂ ବାହାରେ ଏହି ଖାଦ୍ୟ ଖାଇବାରୁ ନିଜକୁ ସତର୍କ ରହିବା ଉଚିତ୍।

- ଯେଉଁମାନେ ଫୁଡ଼ ଆଲର୍ଜିର ଶିକାର ହେଉଛନ୍ତି, ସେମାନେ ପ୍ରତିଦିନ ସେଓ ସହିତ ଆଳୁଏବଂ ପିଆଜ ଖାଇବା ଉଚିତ। ସେଓରେ ପ୍ରଚୁର ପରିମାଣରେ କ୍ୱାର୍ସଟିନ ଭରି ରହିଛି, ଯାହା ଆଲର୍ଜି ପ୍ରଭାବ କମାଇବାରେ ସହାୟକ ହୋଇଥାଏ।

- ଦୁଇ ଗିନା ଡାଲିକୁ କମଳା ସହିତ ଖାଇବା ଦ୍ୱାରା ଆଲର୍ଜି କମିଥାଏ। ଡାଲିରେ ଅଧିକ ପରିମାଣରେ ଆୟୋଡ଼ିନ, ପ୍ରୋଟିନ ଏବଂ ଫଲିକ ଏସିଡ଼ ରହିଛି, ଯାହା ଫୁଡ଼ ଆଲର୍ଜି କମାଇବାରେ ସହାୟକ ହୋଇଥାଏ।



- ମିଠା ଅଙ୍ଗୁର ମଧ୍ୟ ଆଲର୍ଜି ଦୂର କରିବା ପାଇଁ ଫଳପ୍ରଦ।

# ଶାନ୍ତ ଦେଶ ଆଇସଲ୍ୟାଣ୍ଡ



ବିଶ୍ୱର ସବୁଠୁ ଶାନ୍ତିପୂର୍ଣ୍ଣ ଦେଶ ଭାବେ ସର୍ବୋଚ୍ଚ ସ୍ଥାନ ହାସଲ କରିଛି ଆଇସଲ୍ୟାଣ୍ଡ।। ଦୀର୍ଘଦଶବର୍ଷ ଧରି ଏହି ସର୍ବୋଚ୍ଚ ସ୍ଥାନ ଅକ୍ତିଆରା କରିଛି ଆଇସଲ୍ୟାଣ୍ଡ। ନ୍ୟୁଜିଲାଣ୍ଡ ଓ ପର୍ତ୍ତୁଗାଲ କ୍ରମଶଃ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ସିରିଆ ସହ ଆଫଗାନିସ୍ଥାନ ଓ ଇରାକ ଏହି ତାଲିକାରେ ସର୍ବନିମ୍ନ ସ୍ଥାନରେ ରହିଛି। ଭାରତ ୧୩୭ତମ ସ୍ଥାନରେ ରହିଥିବା ବେଳେ ଆମେରିକା ୧୧୪ତମ ସ୍ଥାନରେ ରହିଛି।

# ଟାର୍ଗେଟ ପୂରଣ ନହେବାରୁ ଟଏଲେଟ୍ ପାଣି ପିଇଲେ କର୍ମଚାରୀ

ସୋସିଆଲ ମିଡ଼ିଆରେ ବଡ଼ ଚର୍ଚ୍ଚା ସୃଷ୍ଟି କରିଥିବା ଏକ ଭିଡ଼ିଓ ଏବେ ଚୀନର ପ୍ରଶାସନିକ ଅଧିକାରୀମାନଙ୍କୁ ଚିନ୍ତାରେ ପକାଇଛି। ଭିଡ଼ିଓରେ ଦେଖିବାକୁ ମିଳୁଛି ଯେ ଜଣେ ଯୁବକ ଓ ଜଣେ ଯୁବତୀ ଟଏଲେଟ୍‌ର ଫ୍ଲସକୁ ଅନ୍ କରି ସେଥିରୁ ବାହାରୁଥିବା ପାଣିକୁ ପିଉଛନ୍ତି।


ଏହି ଭିଡ଼ିଓକୁ ନେଇ ବଡ଼ ବିବାଦ ଆରମ୍ଭ ହୋଇଛି। କୁହାଯାଉଛି ଯେ ଯେଉଁ ଦୁଇଜଣ କର୍ମଚଚାରୀ ଗ୍ଲାସରେ ଏହି ପାଣି ପିଉଛନ୍ତି ସେମାନେ ବେକରେ ଆଇକାର୍ଡ଼ ପକାଇଛନ୍ତି। ଅର୍ଥାତ୍ ସେମାନେ ଦୁଇଜଣ ଏକ କମ୍ପାନୀର କର୍ମଚାରୀ। ଏହି କମ୍ପାନୀର ନାମକୁ ଯଦିଓ ଉଲ୍ଲେଖ କରାଯାଇ ନାହିଁ ତେବେ କର୍ମଚାରୀ ଦୁଇଜଣ କେଉଁ କମ୍ପାନୀରେ କାମ କରୁଛନ୍ତି ତାହା ଜଣାପଡ଼ିଯାଇଛି। ଅଭିଯୋଗ ହୋଇଛି ଯେ ଏହି ଦୁଇ କର୍ମଚାରୀ ସେମାନଙ୍କର ଟାର୍ଗେଟ ପୂରଣ କରିପାରି ନଥିବାରୁ କମ୍ପାନୀ ଅଧିକାରୀମାନେ ତାଙ୍କୁ ଏହି ଦଣ୍ଡ ଦେଇଛନ୍ତି। ଅଭିଯୋଗ ଆସିବା ପରେ ଯେତେବେଳେ ପୋଲିସ ଉକ୍ତ କମ୍ପାନୀର ଅଧିକାରୀମାନଙ୍କୁ ଏ ସମ୍ପର୍କରେ ପଚାରିଥିଲେ ସେମାନେ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ କହିଥିଲେ ଯେ କମ୍ପାନୀକୁ ବଦନାମ କରିବା ପାଇଁ ଏହି ଚକ୍ରାନ୍ତ କରାଯାଇଛି। ଅନ୍ୟପଟେ ଟଏଲେଟ୍ ପାଣି ପିଇବା ପରେ ଦୁଇ କର୍ମଚାରୀ ଝାଡ଼ାବାନ୍ତି କାରଣରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୁଲିସ ଘଟଣାର ସତ୍ୟତାକୁ ନେଇ ଜୋରଦାର ଯାଂଚ ଆରମ୍ଭ କରିଛି।

# ଫୁସ୍‌ଫୁସ୍ ସୁସ୍ଥ ରଖେ ଶଳଭାସନ



ପ୍ରଥମ ମୁହଁକୁ ତଳକୁ କରି ପେଟେଇ ଶୁଅନ୍ତୁ। ଦୁଇ ହାତକୁ ଶରୀରର ଦୁଇ ପାଖରେ ଲମ୍ବାଇ ରଖନ୍ତୁ ଯେପରି କାନ୍ଧ ଭୂଇଁକୁ ଛୁଇଁବ।। ଧୀରେ ଧୀରେ ଶ୍ୱାସ ଗ୍ରହଣ କରି ପାଦ ଦୁଇଛଟିକୁ ସିଧା ଭାବରେ ଭୂଇଁରୁ ଉପରକୁ ଆସ୍ତେ ଆସ୍ତେ ଉଠାନ୍ତୁ। ଯେପରି ଦୁଇ ଆଣ୍ଠୁ, ଦୁଇ ଗୋଇଠି ଯୋଡ଼ି ହୋଇ ରହିବ। ପାଦ, ଜଙ୍ଘ, ପେଟରେ ତଳ ଭାଗ ଉପରକୁ ଉଠାନ୍ତି। ଏହି ଆସନକୁ ୫/୨୦ ସେକେଣ୍ଡ ପର୍ଯ୍ୟନ୍ତ କରନ୍ତୁ। ଯେତେ ସମୟ ସମ୍ଭବ ଏ ଅବସ୍ଥାରେ ରହି ପୂର୍ବ ଅବସ୍ଥାକୁ ଧୀରେ ଧୀରେ ଫେରି ବିଶ୍ରାମ କରନ୍ତୁ। ଏହି ଅଭ୍ୟାସି ଦିନକୁ ୫/୬ ଥର କରିବା ଆବଶ୍ୟକ। ଏହି କୋଷ୍ଠବଦ୍ଧତା ଦୂର ହୁଏ, ଅଂଟା ଆକର୍ଷଣୀୟ ଓ ଶକ୍ତିଶାଳୀ ହୁଏ, ଯକୃତ, କିଡ଼ନୀ ଦୋଷ ଦୂର ହୁଏ, ଫୁସଫୁସ ସୁସ୍ଥ ସବଳ ହୁଏ, ମଧୁମେହରୁ ଉପଶମ ମିଳେ, ହାର୍ଣ୍ଣିଆର ପ୍ରଧାନ ପ୍ରତିଷେଧକ ଏବଂ ଆଖି, ମୁଣ୍ଡ, ଛାତି, କାନ୍ଧ ଉପରେ ସୁ-ପ୍ରଭାବ ପକାଇଥାଏ।

# ହୃଦଘାତ ଦୂରେଇ ଯାଏ



ସପ୍ତାହକୁ ୨୨ ଘଣ୍ଟାରୁ ବେଶୀ ସମୟ ଚାଲିଲେ ହୃଦଗାତ ଜନିତ ବିପଦ ୬୪ ପ୍ରତିଶତ କମିଯାଏ। ଏହା ଅନ୍ୟାନ୍ୟ ହୃଦୟ ସମସ୍ୟା ତଥା ମଧୁମେହ ସ୍ତର ହ୍ରାସ କରିଦିଏ।

ପ୍ରତିଦିନ ସକାଳେ ଚାଲିବା ଦ୍ୱାରା ଚେହେରାରେ ଚମକି ଆସେ। ଶରୀର ସୁସ୍ଥ ରହେ। ଉଚ୍ଚ ରକ୍ତଚାପ ହ୍ରାସ ପାଇବା ସହ ବାର୍ଦ୍ଧକ୍ୟରେ ଏହା ଚଞ୍ଚଳତା ଭରିଦିଏ। ବୃଦ୍ଧ ଅବସ୍ଥାରେ ମୁଖ୍ୟତଃ ହୃଦଗାତ ସମସ୍ୟାକୁ ଟାଳିଦିଏ। ଏମିତି କି ୧୫ କି ୨୦ ମିନିଟ ଚାଲିଲେ ଚଳିବନି ଯାହା ସପ୍ତାହକୁ ମାତ୍ର ୩ରୁ ୪ ଘଣ୍ଟା ବ୍ୟାୟାମ କରିବାରେ ସହାୟତା କରେ। ଏଥିରୁ ସୁଫଳ କମ୍ ମିଳେ। କୁହାଯାଇଛି ଯେ ସପ୍ତାହକୁ ୭ରୁ ୮ ଘଣ୍ଟା ଚାଲିବା ଦରକାର। ଏହି ଅବଧିର (ଚାଲିବା) ବ୍ୟାୟାମ ହୃଦଘାତ ଆଶଙ୍କା ୧୧ ପ୍ରତିଶତ ହ୍ରାସ କରିଥାଏ। ସପ୍ତାହକୁ ୮ରୁ ୧୪, ୧୫ରୁ ୨୧ କିମ୍ବା ୨୨ରୁ ଅଧିକ ଘଣ୍ଟା ସମୟ ଚାଲିଲେ ହୃଦଘାତ ଜନିତ ବିପଦ ଯଥାକ୍ରମେ ୩୭ ପ୍ରତିଶତ ୩୨ ପ୍ରତିଶତ ଏବଂ ୬୪ ପ୍ରତିଶତ ହ୍ରାସ ପାଇଥାଏ।

# ନିଦ କମିଗଲେ ମସ୍ତିଷ୍କ ମାନ୍ଦା

ଗୋଟିଏ ରାତି ଯଦି ଆପଣଙ୍କୁ ଭଲ ନିଦ ନହୁଏ ତେବେ ତାହା ମସ୍ତିଷ୍କରେ ପ୍ରଭାବ ପକାଏ। ଏମିତିକା ଅବସ୍ଥା ବହୁଦିନ ଲାଗି ରହିଲେ ମସ୍ତିଷ୍କର କାର୍ଯ୍ୟଦକ୍ଷତା କମିଯାଏ ବୋଲି ଜର୍ଣ୍ଣାଲ ସ୍ଲିପରେ ପ୍ରକାଶ ପାଇଛି। ଅଠର ଜଣ ସୁସ୍ଥ ଯୁବକଙ୍କୁ ରାତିରେ ପୂରା ଆଠ ଘଣ୍ଟା ଶୋଇବାକୁ ଦିଆଯାଇଥିଲା ଓ ତାପରେ ଦିନ ରାତିରେ ସେମାନଙ୍କୁ କୌଣସି କାରଣରୁ କମ୍ ସମୟ ଶୋଇବାକୁ ଦେବାପରେ ଦେଖାଯାଇଥିଲା ସେମାନଙ୍କ ରକ୍ତରେ ଦୁଇଟି ବ୍ରେନ ମଲିକ୍ୟୁଲ ବୃଦ୍ଧି ପାଇଛି। ଏହି ଦୁଇଟି ହେଲା- ନ୍ୟୁରୋନ ସ୍ପେଶିଫିକ୍ ଏନୋଲେସ (ଏନଏସଇ) ଏବଂ ଏସ୍-୧୦୦ କ୍ୟାଲସିୟମ ବାଇଣ୍ଡିଂ ପ୍ରୋଟିନ ବି (ଏସ-୧୦୦ ବି)। ଏହା ରକ୍ତରେ ୨୦ ପ୍ରତିଶତ ବୃଦ୍ଧି ହୋଇଥିଲା। ଯାହା ମସ୍ତିଷ୍କର ତନ୍ତୁକୁ ନଷ୍ଟ କରିଥାଏ। ଏହା ମଧ୍ୟ ରକ୍ତ ଓ ମସ୍ତିଷ୍କ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରେ।

# ପାରାଙ୍କ ପାଇଁ ମହିଳାମାନେ ଦେଉଛନ୍ତି ଛାଡ଼ପତ୍ର



ସାଧାରଣତଃ ପୁରୁଷମାନେ ମହିଳାମାନଙ୍କୁ ଛାଡ଼ପତ୍ର ଦେଉଥିବା ଦେଖିବାମୁ ମିଳିଥାଏ। ମହିଳାମାନେ ପୁରୁଷଙ୍କୁ ଛାଡ଼ପତ୍ର ଦେଉଥିବା ଘଟଣା ବେଶ୍ କମ ଦେଖିବାକୁ ମିଳେ। ହେଲେ ଏବେ ଇଣ୍ଡୋନେସିଆରେ ଛାଡ଼ପତ୍ର ଦେବାର ଏକ ନୂଆ ଘଟଣା ଦେଖିବାକୁ ମିଳିଛି। ଏଠାରେ ମହିଳାମାନେ ପାରାମାନଙ୍କ ପାଇଁ ପୁରୁଷଙ୍କୁ ଛାଡ଼ପତ୍ର ଦେଉଥିବା ସଂଖ୍ୟା ବଢ଼ିବାରେ ଲାଗିଛି।

ଧଳାପାରା ଶାନ୍ତିର ପ୍ରତୀକ। ତେବେ ଏହି ଶାନ୍ତିର ପ୍ରତୀକ ଏବେ ପଚାରିବାରେ ଅଶାନ୍ତି ସୃଷ୍ଟି କରିଛି। ଜାକର୍ତାର ବିଭିନ୍ନ କୋର୍ଟରେ ଜୁଲାଇ ମାସରେ ୯୦ରୁ ଅଧିକ ଛାଡ଼ପତ୍ର ମାମଲା ଦେଖିବାକୁ ମିଳିଛି। ଆଉ ଏହିସବୁ ମାମଲାରେ ମହିଳାମାନେ ଛାଡ଼ପତ୍ର ଦେଉଛନ୍ତି ପୁରୁଷଙ୍କୁ। ଏହାର କାରଣ ହେଉଛି ସେମାନଙ୍କ ଲାଗିଛି ପାରା ଲଢ଼େଇ ଓ ପାରା ଉଡ଼ାଇବାର ନିଶା। ସେମାନେ ଘରର ଅନ୍ୟ କାମଦାମ ଛାଡ଼ି ଏହି ନିଶାରେ ଲାଗି ପଡ଼ିଛନ୍ତି। ଯାହାକୁ ନେଇ ପାରିବାରିକ ସମସ୍ୟା ବଢ଼ିବାରେ ଲାଗିଛି।

# ଜିରାପାଣି ବେଶ୍ ଉପକାରୀ



ଜିରାରେ ପ୍ରଚୁର ମାତ୍ରାରେ ଭିଟାମିନ୍ ସି, ଏ ଏବଂ ଆଇରନ୍ ଭରପୂର ରହିଛି। ଏହା ବିଭିନ୍ନ ସଂକ୍ରମଣ ଜନିତ ରୋଗ ଦୂର କରିଥାଏ। ଏହାଦ୍ୱାରା ଚର୍ମ ଓ କେଶ ସୁସ୍ଥ ରହିଥାଏ।

ଦୈନିକ ଗୋଟେ ଗ୍ଲାସ୍ ପାଣିନେଇ ସେଥିରେ କିଛି ଜିରା ପକାନ୍ତୁ। ଏହାକୁ ରାତିସାରା ଭିଜାଇ ରଖନ୍ତୁ। ସକାଳେ ଏହି ପାଣି ପାନ କରନ୍ତୁ। ଏହାଦ୍ୱାରା ଶରୀରରୁ କାର୍ବୋହାଇଡ୍ରେଟ୍ ଏବଂ ମୋଟାପା ଦୂର ହୋଇଥାଏ। ଜୀର୍ଣ୍ଣଶକ୍ତିକୁ ବଢ଼ାଇବା ସହ ଡାଇରିଆ, ଚିଡଚିଡା, ଦୁର୍ବଳତା, ଗ୍ୟାସ୍ ଆଦି ରୋଗକୁ ଏହା କମ୍ କରିଥାଏ। ଏହା ଲିଭର ଏବଂ ପାକସ୍ଥଳୀ ପାଇଁ ବେଶ୍ ଉପକାରୀ। ଏଥିରେ ପ୍ରଚୁର ପରିମାଣରେ ଆଇରନ୍ ଥିବାରୁ ରକ୍ତହୀନତା ଦୂର କରିଥାଏ। ଗର୍ଭବତୀ ମହିଳାଙ୍କ ପାଇଁ ଏହା ବେଶ୍ ଜରୁରୀ।

ଦୈନନ୍ଦିନ ଏହି ପାଣି ଯୁବପିଢ଼ି ସେବନ କଲେ ମସ୍ତିଷ୍କ କ୍ଷମତା ବୃଦ୍ଧି ହେବ। ଏହାସହ ସେମାନେ ନିଜକୁ ଫ୍ରେସ୍ ଅନୁଭବ କରିପାରିବେ।

ଚର୍ମର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଏହା ବଢ଼ାଇବାରେ ସାହାଯ୍ୟ କରେ। ଏଥିରେ କ୍ୟାଲସିୟମ୍, କପର, ପୋଟାସିୟମ୍ ଏବଂ ଭିଟାମିନ୍ ଇ ପ୍ରଚୁର ପରିମାଣରେ ଥିବାରୁ ତ୍ୱଚା ପାଇଁ ବେଶ୍ ଲାଭଦାୟୀ।

ପାଣିରେ କିଛି ଜୀରା ପକାଇ ଫୁଟାଇ ସେହି ପାଣିକୁ ରଖନ୍ତୁ। ସେଥିରେ କିଛି ଟୋପା ତଲେ ମିଶାଇ ଦେନିକ ମୁହଁରେ ଲଗାଇଲେ ଟୋନର ଭଳି କାମ କରିବ। ଏହାସହ ଏହାଦ୍ୱାରା ସୁନ୍ଦର ତ୍ୱଚା ପାଇ ପାରିବେ। ମୁହଁରେ ଥିବା ବ୍ରଣ ଦାଗକୁ ମଧ୍ୟ ଏହା ସହଜରେ ଦୂରେଇଥାଏ।

ପୋଡ଼ି ଯାଇଥିବା ସ୍ଥାନରେ ମଧ୍ୟ ଏହି ପାଣି ଲଗାଇ ପାରିବେ।

ଏଥିରେ ପ୍ରଚୁର ପରିମାଣରେ ଭିଟାମିନ ଓ ମିନେରାଲ ଥିବାରୁ କେଶ ପାଇଁ ଏହା ବେଶ୍ ଲାଭଦାୟୀ। କେଶ ଝଡୁଥିଲେ ଜୀରା ପାଣିକୁ ନେଇ ମୂଳରେ ଦୈନନ୍ଦିନ ମସାଜ କରନ୍ତୁ। ଦେଖିବେ କେଶମୂଳ ମଜବୁତ୍ ରହିବ। ଏହାସହ ସୁନ୍ଦର କେଶ ପାଇ ପାରିବେ।

# ଜିଅନ୍ତା କବର

ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶରେ ନିଜସ୍ୱ ବିଶେଷ ପରମ୍ପରା ଓ ରୀତିନୀତି ରହିଛି। ଏପରି କେତେକ ପରମ୍ପରା ରହିଛି ଯାହା ଉପରେ ବିଶ୍ୱାସ କରିବା ଅସମ୍ଭବ ହୋଇ ପଡେ। କ୍ୟୁବାରେ ପ୍ରଚଳିତ ଏଭଳି ଏକ ପରମ୍ପରା ଯେତିକି ଆଶ୍ଚର୍ଯ୍ୟଜନକ ସେତିକି ଭୟଙ୍କର ମଧ୍ୟ। ରୀତିନୀତି ଅନୁସାରେ ଏଠାରେ ଜୀବନ୍ତ ଲୋକଙ୍କୁ କବର ଦିଆଯାଇଥାଏ। କ୍ୟୁବାର ହାଭାନା ରାଜ୍ୟରେ 'ବୁଜି' ନାମକ ଏକ ଉତ୍ସବର ପାଳନ ବହୁଳ ଭାବେ କରାଯାଇଥାଏ। ଏହି ଉତ୍ସବ ପାଳନ ସମୟରେ ଜୀବନ୍ତ ବ୍ୟକ୍ତିଙ୍କୁ କବର ଦିଆଯାଇଥାଏ। ପରମ୍ପରା ଅନୁସାରେ ଜଣେ ବ୍ୟକ୍ତିକୁ ଅତ୍ୟଧିକ ମଦ୍ୟପାନ କରାଇ ଏକ କଫିନରେ ବନ୍ଦ କରିଦିଆଯାଏ। ଅନ୍ୟ ଲୋକମାନେ ମଦ୍ୟପାନ କରି ଏହି କଫିନ ପଛରେ ବୁଲିଥାନ୍ତି। ସହରରେ ବୁଲାଇବା ବେଳେ ଲୋକମାନେ ନୃତ୍ୟ କରିଥାନ୍ତି। ସବୁଠାରୁ ମଜା କଥା ହେଉଛି ଜକ୍ଷଣ ମହିଳା ସମ୍ପୂର୍ଣ୍ଣ ଧଳା ପୋଷାକ ପରିଧାନ କରି ଉକ୍ତ ବ୍ୟକ୍ତିଙ୍କ ବିଧବା ପତ୍ନୀ ଭାବେ କାନ୍ଦିବା ପରି ଅଭିନୟ କରିଥାନ୍ତି।

# ଗରମ ଚା' ଠାରୁ ଦୂରେଇ ରୁହନ୍ତୁ



ଚା' ପିଇବା ଶରୀର ପାଇଁ କେତେ ଆବଶ୍ୟକ, ଏ ବାବଦରେ ନିୟମିତ ଭାବରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଛି। ତେବେ ନିକଟରେ ଏକ ଆମେରିକୀୟ ପତ୍ରିକାରେ ପ୍ରକାଶିତ ହୋଇଥିବା ତଥ୍ୟ ଅନୁସାରେ ପ୍ରତ୍ୟେକ ବର୍ଗର ଲୋକେ ଗରମ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହାକୁ ଅଭ୍ୟାସରେ ପରିଣତ କରିଥିବା ଲୋକେ ଯଥାଶୀଘ୍ର ଏହି ଅଭ୍ୟାସକୁ ଦୂରେଇବା ଉଚିତ୍। ଗବେଷକ ଦଳ ପରୀକ୍ଷା କରିବା ପରେ ପ୍ରକାଶ କରିଛନ୍ତି ଯେ, ଗରମ ଚା' ପିଉଥିବା ଲୋକଙ୍କୁ କର୍କଟ ରୋଗ ହେବାର ସମ୍ଭାବନା ସର୍ବାଧିକ। ଏପରିକି ଗରମ ଚା' ପିଇଲେ ଗଳା କର୍କଟ ହେବାର ସମ୍ଭାବନା ୮ଗୁଣ ଅଧିକ ହୋଇଥାଏ ବୋଲି ଉପଦେଶ ମଧ୍ୟ ଦେଇଛନ୍ତି। ଚା' ପ୍ରସ୍ତୁତ ହେବାର ୨ ମିନିଟ୍ ପରେ ଚା' ପିଉଥିବା ଲୋକେ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ସେଥିପାଇଁ ଚା' ପ୍ରସ୍ତୁତ କରି ୫ ରୁ ୬ ମିନିଟ୍ ପରେ ହିଁ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ଉ ମ ଅଟେ। ଗବେଷକ ଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତର ୫୦ ହଜାର ଲୋକଙ୍କୁ ଏହି ଗବେଷଣାରେ ସାମିଲ କରାଇଥିଲେ। ତାକୁ ଥଣ୍ଡା କରି ପିଇଲେ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼ିନଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅତୀତର ପୁନରାବଲୋକନ...

କଠୋର ନିଷ୍ପତ୍ତି ନେବା ବେଳେ ପୂର୍ବରୁ ଅନ୍ଦାଜ କରାଯାଇ ପାରି ନ ଥିବା ଭଳି କେତେକ ଅସଂଗତି ଲୁକ୍କାୟିତ ହୋଇ ରହିଯାଇପାରେ, ଯାହା ଏକ ଅତିକାୟ ଅପରିଣାମଦର୍ଶିତା ଭଳି ହଠାତ୍ ଆତ୍ମପ୍ରକାଶ କରି ହତଭମ୍ବ କରିଦେଇପାରେ; ଯେମିତି 'ଲକ୍‌ଡାଉନ୍' ପରେ ପ୍ରବାସୀ ଶ୍ରମିକଙ୍କ କଷଣ ଏକ ଅକଥନୀୟ ମାନବୀୟ ଟ୍ରାଜେଡିକୁ ଜନ୍ମ ଦେଇ ଘଟାଇଥିଲା। ତେଣୁ ଏହା ମଧ୍ୟ ସମ୍ଭବ ଯେ 'ସ୍ଥାନ-କାଳ-ପାତ୍ର-ପରିସ୍ଥିତି'ର ଅଇନାରେ ଦେଖିବାର ପ୍ରୟାସ ନ କରି ଭବିଷ୍ୟତରେ 'ଲକ୍‌ଡାଉନ୍'କୁ ଏକ ଚରମ ଅପରିଣାମଦର୍ଶୀ ପଦକ୍ଷେପ ରୂପେ ବର୍ଣ୍ଣନା କରାଯାଇପାରେ, ଯେମିତି ମିଜୋରମ ଉପରେ ହୋଇଥିବା ବିମାନ ଆକ୍ରମଣ ପରିପ୍ରେକ୍ଷୀରେ ଏବେ ଶୁଣିବାକୁ ମିଳିଲା। ଏଭଳି ସ୍ଥଳେ ସେହି କଠୋର ନିଷ୍ପତ୍ତି ପଛରେ ରହିଥିବା ବାଧବାଧକତା ଏବଂ ଏକ ବୃହତ୍ତର ମହତ୍ ଉଦ୍ଦେଶ୍ୟ ତା'ର ପ୍ରକୃତ ମର୍ମ ହରାଇଥାଏ। ଗଲା ୧୦ ତାରିଖରେ ବିରୋଧୀ ପକ୍ଷ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବର ଉତ୍ତର ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଲୋକସଭାରେ ପ୍ରଦତ୍ତ ଦୀର୍ଘ ଭାଷଣର ଯେଉଁ କତିପୟ ବିଷୟ ଭ୍ରୂକୁଂଚନ ସୃଷ୍ଟି କରିଛି, ତହିଁରୁ ଗୋଟିଏ ମିଜୋରମ ଉପରେ ଭାରତୀୟ ବିମାନ ବାହିନୀ ଦ୍ୱାରା ସଂଘଟିତ ବୋମା ବର୍ଷଣ (୧୯୬୬ ମସିହା ମାର୍ଚ୍ଚ ମାସରେ) ସମ୍ବନ୍ଧୀୟ; ଯାହାର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏତାଦୃଶ ଚରମ ନିଷ୍ପତ୍ତିର ଯଥାର୍ଥତାକୁ ପ୍ରଶ୍ନ ଜର୍ଜର କରିଥିଲେ। କହିବା ନିଷ୍ପ୍ରୟୋଜନ ଯେ ହିଂସାର ଦାବାନଳରେ ଦୀର୍ଘ କାଳ ଧରି ଦଗ୍‌ଧୀଭୂତ ହୋଇ ଚାଲିଥିବା ଉତ୍ତର-ପୂର୍ବୀୟ ରାଜ୍ୟ ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମୌନତା ତଥା ଏକ କଠୋର ନିଷ୍ପତ୍ତି (ମୁଖ୍ୟମନ୍ତ୍ରୀଙ୍କୁ ଅପସାରଣ କରିବା ଭଳି) ନେବାରେ ନିଷ୍କ୍ରିୟତା ତୀବ୍ର ସମାଲୋଚନାର ଶରବ୍ୟ ହେଉଛି, ଯେଉଁ ପରିପ୍ରେକ୍ଷୀରେ ବିରୋଧୀ ମେଣ୍ଟ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉତ୍ତର-ପୂର୍ବୀୟ ଭାରତରେ ସଶସ୍ତ୍ର ଆନ୍ଦୋଳନର ଦୀର୍ଘ ଇତିହାସ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ଏବଂ ଅତୀତର ଏହି ଘଟଣାର ଅବତାରଣା ସହିତ ଦୋଷାରୋପର ଉଦ୍ୟମର ପୃଷ୍ଠଭୂମିରେ ଇତିହାସର ପୁନରାବୋଲକନ ଯେ ଜରୁରୀ, ତାହା ହୃଦ୍‌ବୋଧ କରି ହୋଇଥାଏ। ସମୟର ସରଣୀରେ ପଶ୍ଚାତ୍ ଦୃଷ୍ଟି ନିକ୍ଷେପ କଲେ ଦିଶିଥାଏ କିଭଳି ଷଷ୍ଠ ଦଶକରେ ବୃହତ୍ ଆସାମ ରାଜ୍ୟ ଅନ୍ତର୍ଭୁକ୍ତ 'ଲୁସାଇ ହିଲ୍‌ସ ଡିଷ୍ଟ୍ରିକ୍ଟ' ନାମକ ଏକ ଅଂଶକୁ ପୃଥକ୍ ମିଜୋରମ ରାଜ୍ୟରେ ପରିଣତ କରିବା ଦାବିରେ 'ମିଜୋ ନେସନାଲ ଫ୍ରଣ୍ଟ୍' ବା 'ଏମ୍.ଏନ୍.ଏଫ୍.' ନାମକ ଏକ ବିଚ୍ଛିନ୍ନତାବାଦୀ ସଂଗଠନ ଦ୍ୱାରା ସଶସ୍ତ୍ର ବିଦ୍ରୋହ ପ୍ରାରମ୍ଭ କରାଯାଇଥିଲା, ଯାହାର ନେତା ଥିଲେ ପି. ଲାଲଡେଙ୍ଗା। ୧୯୬୬ ମସିହା ମାର୍ଚ୍ଚ ମାସରେ 'ମିଜୋ ନେସନାଲ ଆର୍ମି' ବା 'ଏମ୍.ଏନ୍.ଏ.' ('ଏମ୍.ଏନ୍.ଏଫ୍.'ର ସୈନ୍ୟ ବାହିନୀ) ଦ୍ୱାରା ଅଇଜଲ ସହର ଅଧିକୃତ ହୋଇଯାଏ, ଯହିଁରେ 'ଆସାମ ରାଇଫଲ୍‌ସର ବାଟାଲିଅନ' ଆକ୍ରମଣର ଶିକାର ହୁଏ ଏବଂ ପାଞ୍ଚ ଜଣ ସେନିକ ପ୍ରାଣ ହରାନ୍ତି; ଆଇଜଲରେ ସ୍ୱତନ୍ତ୍ର ମିଜୋରମ ଘୋଷଣା କରାଯାଇ 'ଏମ୍.ଏନ୍.ଏଫ୍.'ର ପତାକା ଉଡ଼ାଇ ଦିଆଯାଏ। ସେହି ସମୟ ବେଳକୁ ଇନ୍ଦିରା ଗାନ୍ଧୀ ମାତ୍ର ଛଅ ସପ୍ତାହର ଜଣେ କୁଣ୍ଠିତ, ଅପ୍ରସ୍ତୁତ ଏବଂ ସଂପୂର୍ଣ୍ଣ ଅନଭିଜ୍ଞ ପ୍ରଧାନମନ୍ତ୍ରୀ, ଯିଏ ରାମ ମନୋହର ଲୋହିଆଙ୍କ ଭଳି ଜଣେ ପରିପକ୍ୱ ନେତାଙ୍କ ଦ୍ୱାରା 'ଗୁଂଗୀ ଗୁଡ଼ିୟା' ବା 'ମୂକ କଣ୍ଢେଇ' ରୂପେ ଆରୋପିତ; ସେହି ସମୟ ବେଳକୁ ଚୀନ (୧୯୬୨) ଏବଂ ପାକିସ୍ତାନ (୧୯୬୫) ସହିତ ଦୁଇ ଦୁଇଟି ଯୁଦ୍ଧରେ ବ୍ୟାପୃତ ହୋଇ ଭାରତର ରାଜକୋଷ ରିକ୍ତ ପ୍ରାୟ; ଏବଂ କୃଷି ଉପରେ ନିର୍ଭରଶୀଳ ଦରିଦ୍ର ଭାରତ ସେତେ ବେଳକୁ ଉତ୍କଟ ଦୁର୍ଭିକ୍ଷ ଏବଂ କୃଷି ଉତ୍ପାଦନରେ ବିଫଳତା କାରଣରୁ ବୁଭୁକ୍ଷାର ଶିକାର। କେବଳ ସେତିକି ନୁହେଁ କାଶ୍ମୀରରେ ପାକିସ୍ତାନ ପ୍ରାୟୋଜିତ ଉପଦ୍ରବ, ନାଗାଲାଣ୍ଡରେ ମିଆଁମାର ସମର୍ଥିତ ନାଗା ବିଦ୍ରୋହ ଏବଂ ଏବେ ପୂର୍ବ-ପାକିସ୍ତାନ (ବର୍ତ୍ତମାନର ବାଂଲାଦେଶ)ର ପ୍ରତ୍ୟକ୍ଷ ସହାୟତା ପ୍ରାପ୍ତ 'ଏମ୍.ଏନ୍.ଏଫ୍.' ଆକ୍ରମଣ ଇତ୍ୟାଦି ଭାରତ-ରାଷ୍ଟ୍ର ପ୍ରତି ଏକ ଚିନ୍ତାତୀତ ଆହ୍ୱାନ ସୃଷ୍ଟି କରିଥାଆନ୍ତି। ଏଭଳି ଏକ ପରିସ୍ଥିତିରେ ସଡ଼କ ପଥରେ ଭାରତୀୟ ସୈନ୍ୟ ପ୍ରେରଣର ଉଦ୍ୟମକୁ 'ଏମ୍.ଏନ୍.ଏଫ୍.'ର ପ୍ରଚଣ୍ଡ ଆକ୍ରମଣ ବ୍ୟର୍ଥ କରିଦିଏ। ସୁତରାଂ, ସେହି ଏକ ମାତ୍ର ନିଷ୍ପତ୍ତି ଅନିବାର୍ଯ୍ୟ ହୋଇପଡ଼େ, ଯାହା ଗ୍ରହଣ କରିବା ହୁଏ'ତ ଇନ୍ଦିରା ଗାନ୍ଧୀଙ୍କ ତୁଲ୍ୟ ଜଣେ ଦୃଢ଼ ମନା ବ୍ୟକ୍ତିତ୍ୱଙ୍କୁ ଆବଶ୍ୟକ କରିଥାଏ। ପ୍ରକାଶ ଥାଉ କି ଦୁଇ ଦିନର ଆକାଶ ମାର୍ଗୀ ଆକ୍ରମଣରେ 'ଏମ୍.ଏନ୍.ଏ.' ଛତ୍ରଭଙ୍ଗ ଦେଇ ପୂର୍ବ ପାକିସ୍ତାନ ଏବଂ ମିଜୋରମ ସୀମାସ୍ଥ ୩୧୮ କିଲୋମିଟର ଦୀର୍ଘ ନିଘଞ୍ଚ ଲୁସାଇ ଜଙ୍ଗଲରେ ଆତ୍ମଗୋପନ କରିବାକୁ ବାଧ୍ୟ ହୁଅନ୍ତି ଏବଂ ଭାରତର ବିପନ୍ନ ସାର୍ବଭୌମତ୍ୱ ଅଗତ୍ୟା ଅକ୍ଷୁଣ୍ଣ ରହେ। ସୁତରାଂ, ହୃଦୟଙ୍ଗମ କରି ହୁଏ ଯେ ଅତୀତର ଆଲୋଚନା କଲା ବେଳେ 'ସ୍ଥାନ, କାଳ, ପାତ୍ର ଏବଂ ପରିସ୍ଥିତି'ର ପରିପ୍ରେକ୍ଷୀ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ; ଯେଉଁ କାରଣରୁ ୧୯୬୬ ମସିହା, ମାର୍ଚ୍ଚ ମାସ ୩ ତାରିଖରେ ଘଟିଥିବା ଘଟଣାଟିକୁ ପ୍ରଧାନମନ୍ତ୍ରୀ ମୋଦୀ ଅତ୍ୟନ୍ତ ଅଭାବନୀୟ ଅର୍ଥାତ୍ ଭାରତୀୟ ନାଗରିକମାନଙ୍କ ଉପରେ ଭାରତୀୟ ବିମାନ ବାହିନୀର ଆକ୍ରମଣ ବୋଲି ଦର୍ଶାଇ ସମାଲୋଚନା କରିଥିବା ସତ୍ତ୍ୱେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ନିଆଯାଇଥିବା ଏହା ଏକ ନିର୍ଣ୍ଣାୟକ ଓ ଉଚିତ ପଦକ୍ଷେପ ଥିଲା ବୋଲି ପ୍ରାୟତଃ ମତ ପ୍ରକାଶ ପାଇଥାଏ।



# ପ୍ରେମର ଅନୁଶୀଳନ

## ଇଂ.ସଚ୍ଚିଦାନନ୍ଦ ନନ୍ଦ

'ଅତି ଦୁଃଖର କଥା ଯେ ଏହି ଦେଶ, ଯେଉଁଠି ମନୁଷ୍ୟର ଦିବ୍ୟତ୍ୱ ଏବଂ ସେହି ଦିବ୍ୟତ୍ୱର ପୁନଃ ପ୍ରାପ୍ତି ଉପାୟ ଆବିଷ୍କୃତ ହୋଇଥିଲା, ଯେଉଁ ଦେଶରେ ମୁନିଋଷିମାନଙ୍କର ଅବିରତ ପ୍ରବାହ ମନୁଷ୍ୟକୁ ଭଗବତ ଅଭିମୁଖୀ ଯାତ୍ରାରେ ତାହାର ଭୂମିକା ସ୍ମରଣ କରାଇ ଦେଇଆସିଛି, ସେହି ଦେଶରେ ଲୋକମାନେ ଶିକ୍ଷାର ଅଧଃପତନ ଏବଂ ଅଭ୍ୟାସର ମଳିନତା ପାଇଁ ସୁଯୋଗ ଦେଉଅଛନ୍ତି। ଏହି ମଧୁର ଜ୍ଞାନରେ ସିକ୍ତ ହୃଦୟ ବିଷ ପାତ୍ରରେ ପରିଣତ ହୋଇଅଛି। ଘୃଣା ସେମାନଙ୍କୁ କଠୋର କରି ଦେଉଛି, ଲୋଭ ସେମାନଙ୍କୁ ଧୂର୍ତ୍ତ କରି ଦେଇଛି; ଗର୍ବ ସେମାନଙ୍କୁ କଳୁଷିତ କରିଛି। ପୁନର୍ବାର ତା ଭିତରେ ଅନ୍ତର୍ନିହିତ ଆନନ୍ଦର ଝରଣା ସମ୍ପର୍କରେ ମନୁଷ୍ୟକୁ ସଚେତନ କରାଇବାକୁ ପଡ଼ିବ, ଯଦ୍ୱାରା ସେ ସୁଖୀ ହୋଇ ପାରିବ ଏବଂ ଉତ୍‌କଣ୍ଠାରେ ଉତ୍ତୋଜିତ ହେବନାହିଁ। ମାନବୀୟ ଆଦର୍ଶରେ ଏତେ ଅଧଃପତନ ଘଟିଛି ଯେ ମନୁଷ୍ୟ ଅବତାରମାନଙ୍କର ସୌନ୍ଦର୍ଯ୍ୟ, ଜ୍ଞାନ ଓ ଶକ୍ତିକୁ ଚିହ୍ନିବା ପାଇଁ ଅସମର୍ଥ ହୋଇପଡ଼ିଛି। ସେମାନେ ନିଜେ ଅଂଶ ବିଶେଷ ହୋଇ ଥିବା ଗୌରବ ଓ ଐଶ୍ୱର୍ଯ୍ୟର ସହଜାତ ଅନୁଭୂତି ପାଇଁ ଅଭିଳାଷ କରୁନାହାନ୍ତି। ଅନାଦି ଓ ଅନନ୍ତ ଶକ୍ତି ଭଗବାନଙ୍କ ଚିନ୍ତନରୁ ପ୍ରବାହିତ ଆନନ୍ଦର ଧାରାରେ ସେମାନେ ନିଜକୁ ହଜାଇ ଦେଉନାହାଁନ୍ତି' - ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଉପରୋକ୍ତ ବାଣୀ ଗୁଡ଼ିକ ଆମ ପାଇଁ ପ୍ରଦାନ କରିବା ସହ ଏହା ମଧ୍ୟ କହିଛନ୍ତି ଆଜି ଆମେ କୃଷ୍ଣଙ୍କର ଜନ୍ମଦିନ ପାଳନ କରୁଛେ। ଏହାକୁ ସେହି ଆନନ୍ଦର ପ୍ରାପ୍ତି ନିମନ୍ତେ ତୁମ ଜୀବନକୁ ପୁନଃ ଉତ୍ସର୍ଗୀକୃତ କରିବାରେ ସଦୁପଯୋଗ କର। କୃଷ୍ଣ ଶବ୍ଦର ତିନୋଟି ପୃଥକ୍ ଅର୍ଥ ଅଛି। (୧) 'କର୍ଷ' ଧାତୁରୁ ଏହି ଶବ୍ଦର ବ୍ୟୁତ୍ପତ୍ତି ହୋଇଛି। ଏହାର ଅର୍ଥ ଯାହା ଆକର୍ଷଣ କରେ। କୃଷ୍ଣ ତାଙ୍କର ଲୀଳା ଖେଳା, ଆସୁରିକ ଶକ୍ତି ଉପରେ ଅଲୌକିକ ବିଜୟ, ମନମୁଗ୍ଧକାରୀ ବାର୍ତ୍ତାଳାପ ତାଙ୍କର ଜ୍ଞାନ, ତାଙ୍କର ମୋହନୀୟ ରୂପ ବଳରେ ସମସ୍ତ ହୃଦୟକୁ ଆକର୍ଷଣ କରନ୍ତି। (୨) ଏହି ଶବ୍ଦ 'କୃଷ୍' ସହିତ ମଧ୍ୟ ସମ୍ବନ୍ଧିତ। ଏହାର ଅର୍ଥ ଶସ୍ୟ ଉତ୍ପାଦନ ନିମନ୍ତେ ଭୂମିକୁ କର୍ଷଣ କରିବା। କୃଷ୍ଣ ଶବ୍ଦର ଅର୍ଥ ଯାହା ମନୁଷ୍ୟର ହୃଦୟରୁ ଅନାବରା ଗଛ ସଫାକରେ ଏବଂ ବିଶ୍ୱାସ, ସାହସ ଓ ଆନନ୍ଦର ବୀଜ ବପନ କରେ। (୩) ଏହା 'କୃଷ୍' ଧାତୁ ଅର୍ଥାତ୍ ତିନିଗୁଣ ଓ ତିନିକାଳର ଅତୀତ, ସହିତ ମଧ୍ୟ ସମ୍ବନ୍ଧିତ। 'ନ' ଅର୍ଥ ସତ୍-ଚିତ୍-ଆନନ୍ଦ। ଭାଗବତରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣ ତାଙ୍କର ଲୀଳା ଓ ମହିମା ବଳରେ ମାନବ ଜାତିର ପ୍ରେମକୁ ଆକର୍ଷଣ କରନ୍ତି, ତାଙ୍କର ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଫସଲ ଉତ୍ପାଦନ କରନ୍ତି ଏବଂ ତାଙ୍କ ସତ୍-ଚିତ୍-ଆନନ୍ଦ ଭାବ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରନ୍ତି।'

ଆମେମାନେ ଭାଗ୍ୟବାନ। କାରଣ, ଆମେ ଭଗବାନଙ୍କ ଶକ୍ତିର ଅନେକ ଅଭିବ୍ୟକ୍ତି ଦେଖି ଅଛୁ। କିନ୍ତୁ ସେଗୁଡ଼ିକ ଅଭିବ୍ୟକ୍ତ ହେବାକୁ ଥିବାରୁ ଅଭିବ୍ୟକ୍ତ ହୋଇଅଛି; ଭଗବାନଙ୍କ ଏହା ପ୍ରତିଭାର ପ୍ରଦର୍ଶନ ନୁହେଁ ବା ପେଷାଦାରୀ ଯୋଗସୂତ୍ର ପ୍ରତିଷ୍ଠା ନିମନ୍ତେ ନୁହେଁ। ଇଚ୍ଛାଶକ୍ତିର ଆବଶ୍ୟକତା ପଡ଼ିଲେ ସେ ଗୁଡ଼ିକ ସ୍ୱାଭାବିକ ଭାବେ ଅଭିବ୍ୟକ୍ତ ହୁଏ, ଆପେ ଆପେ ଅନ୍ୟ ଶାରୀରିକ କାର୍ଯ୍ୟ ପରି। ବାବା ଆହୁରି ମଧ୍ୟ କହିଛନ୍ତି 'ମୁଁ ସତ୍ୟର ସତ୍ୟ, ମୁଁ ସତ୍ୟ ଆଡ଼କୁ ଦିଗ ଦର୍ଶନ କରାଏ। ମୁଁ ସତ୍ୟ ପରିପ୍ରକାଶ କରେ ମନୁଷ୍ୟ ଯେତେବେଳେ ସତ୍ୟର ଉପଲବ୍ଧି କରେ ସେ ମୋତେ ଉପଲବ୍ଧି କରେ। ରସୋ ବୈସଃ। ସେ ହିଁ ରସ। ସେହିପରି ତାଙ୍କର ସୃଷ୍ଟି, ଜଗତକୁ ଯେଉଁମାନେ ତାଙ୍କର ହସ୍ତକର୍ମ ରୂପେ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ବିଶ୍ୱ ରସ ବିନା ଆଉ କିଛି ହୋଇନପାରେ। ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତି ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଜଗତକୁ ପ୍ରୟୋଗ କରିବାକୁ ହେବ। ଏହାଦ୍ୱାରା ତୁମେ ତାଙ୍କର ଅନ୍ୱେଷଣ କରି ପାରିବ ଓ ତାଙ୍କ ପାଖରେ ପହଞ୍ଚିପାରିବ। ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚାରୋଟି ସୋପାନ ଅଛି। ପ୍ରତ୍ୟେକକୁ ଲୋକ ବୋଲି କୁହାଯାଏ। ପ୍ରଥମଟି ଅବିଦ୍ୟା ଲୋକ। ଏହି ଅଜ୍ଞାନ ଓ ମୋହ ଲୋକରେ ଦୁଃଖ ଓ ସନ୍ତାପ ଦ୍ୱାରା ପ୍ରେରିତ ହୋଇ ତୁମେ ଯାତ୍ରା ଆରମ୍ଭ କରିଥାଅ। ଦ୍ୱିତୀୟଟି ବିଦ୍ୟାଲୋକ। ଏଠାରେ ତୁମେ ବିଜ୍ଞାନମୟ କୋଷ ଉପରେ ଅଭିନିବେଶ କର ଏବଂ ସତ୍ୟ ଓ ମିଥ୍ୟା, ଧାନ ଓ ଅଗାଡ଼ି ଭିତରେ ପ୍ରଭେଦ କରିବାକୁ ସମର୍ଥ ହୁଏ। ତୃତୀୟଟି ଆନନ୍ଦ ଲୋକ। ଏଠାରେ ତୁମେ ଶକ୍ତି ଓ ଶାନ୍ତିର ଚିରନ୍ତନ ଉତ୍ସଙ୍କର ଝଲକ ପାଇ ଆନନ୍ଦରେ ନିମଜ୍ଜିତ ହୁଏ। ଶେଷରେ ଗୋଲୋକ। ଏଠାରେ ଗୋପାଳ ଶାସନ କରନ୍ତି। ଏଠାରେ ସମସ୍ତେ ଗୋ (ଜୀବ, ଦିବ୍ୟତ୍ୱର ସ୍ଫୁଲିଙ୍ଗ, ପ୍ରେମ ସାଗରର ତରଙ୍ଗ) ଅତ୍ୟୁଲ୍ଲାସ ଓ ଅତି ଔଜ୍ଜ୍ୱଲ୍ୟ ସ୍ଥିତିରେ ଏକ ହୁଅନ୍ତି। ତୁମ ପାଖରେ ପ୍ରେମ ନଥିଲେ ତୁମେ ଭଗବତ୍ ପ୍ରେମୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିବନାହିଁ। କେବଳ ବାହ୍ୟାଚାରର ନିର୍ଭୁଲ ପାଳନ, ଆଡ଼ମ୍ବର ପୂର୍ଣ୍ଣ ଅର୍ଚ୍ଚନା ବା ଉଚ୍ଚସ୍ୱରରେ ଜୟଧ୍ୱନି କଲେ ଗୋଲୋକର ଫାଟକରେ ତୁମେ ପ୍ରବେଶ କରି ପାରିବନାହିଁ। ଏଗୁଡ଼ିକ ପ୍ରେମର ରତ୍ନ ସିନ୍ଦୁକ ଆଗରେ ଟିଣ ଡବା ସଦୃଶ। ପ୍ରେମ ଜନ୍ମରୁ ଅମରତ୍ୱ ଆଡ଼କୁ ଏବଂ ମୃତ୍ୟୁରୁ ଅଜାତତ୍ୱ ଆଡ଼କୁ ଯିବା ପାଇଁ ସେତୁ ସଦୃଶ। ତୁମେ ଜୀବ ଭାବରୁ ଦେବ ଭାବକୁ ଉନ୍ନୀତ ହେଲେ ଆଉ ଜନ୍ମ ବା ମୃତ୍ୟୁ ରହିବା ନାହିଁ। ତୁମେ ଯେତେବେଳେ ପ୍ରତ୍ୟେକ ଜୀବକୁ ଏତେ ପ୍ରଗାଢ଼ ଭାବରେ ଭଲ ପାଅ ଯେ ତୁମକୁ ସବୁ କେବଳ ଏକ ପରି ଲାଗେ ସେତେବେଳେ ହିଁ ମୋକ୍ଷ ପ୍ରାପ୍ତି ହୁଏ। ହୃଦୟକୁ ପ୍ରେମରେ ଆର୍ଦ୍ରକର, କର୍ମକୁ ଧର୍ମରେ ଆର୍ଦ୍ରକର, ବାସନାକୁ ଦୟାରେ ଆର୍ଦ୍ରକର, ତେବେ ତୁମେ ଅତି ଶୀଘ୍ର ଭଗବାନଙ୍କୁ ଲାଭ କରିପାରିବ।'

ପ୍ରେମ ସ୍ୱରୂପ କୃଷ୍ଣଙ୍କ ଧ୍ୟାନ କରି ଆମେମାନେ ପ୍ରେମରେ ବିବଶିତ ହେବା ଉଚିତ। ଜୀବନ ବିକଳ କ୍ରନ୍ଦନରେ, ପୀଡ଼ିତର ଆବିସ୍ମିକ ଆଦେଶରେ, କ୍ଷୁଧାର୍ତ୍ତର ଆର୍ତ୍ତନାଦରେ ଆମର ହୃଦୟ ଦ୍ରବୀଭୂତ ଓ କୋମଳ ନ ହେବା ପର୍ଯ୍ୟନ୍ତ, ସେଥିରେ ଥିବା ପ୍ରେମର ନିର୍ଝରିଣୀ ଗର୍ବରତପ୍ତ କିରଣରେ ଅବରୁଦ୍ଧ ଥିବାଯାଏଁ କୃଷ୍ଣ ଆମ୍ଭ ମାନଙ୍କ କାମରେ ବଂଶୀ ବଜାଇବେ ନାହିଁ, ଆମେ ଗୀତା ଓ ଭାଗବତରେ ପଣ୍ଡିତ ହୋଇପାରୁ କିନ୍ତୁ ଆମେ କୃଷ୍ଣଙ୍କ ସେବାରେ କେତେ ଦଶନ୍ଧି ବିତାଇ ଦେଇଛେ ବୋଲି ଦାବି କରିପାରିବା? କିନ୍ତୁ ପ୍ରେମର ଚାବି ବିନା ଆମେ ତାଙ୍କର ନିବାସ ସ୍ଥଳ ଗୋଲକ ଭିତରକୁ ପ୍ରବେଶାନୁମତି ପାଇ ପାରିବ ନାହିଁ। ଆମେ ବହୁ ବର୍ଷ ଧରି ପ୍ରଶାନ୍ତି ନିଳୟମ୍‌ରେ ଥାଇପାର ଏବଂ ସ୍ୱାମୀଙ୍କ ପାଖରେ ଓ ନିକଟରେ ଅଛ ବୋଲି ଦାବି କରିପାରୁ, କିନ୍ତୁ ସେବା ମାଧ୍ୟମରେ ଅଭିବ୍ୟକ୍ତ ପ୍ରେମର ଅନୁଶୀଳନ ବିନା ଆମେମାନେ ଭଗବାନଙ୍କୁ ଜାଣିପାରିବା ନାହିଁ।

ଅଲିଶା ବଜାର, କଟକ,

ମୋ : ୯୩୩୭୨୪୨୯୫୫



# ଅଲୋଡା ନହୁଅନ୍ତୁ ଆମ ଗାଁ ଆମ ଦିଅଁ !

## ପ୍ରଦୋଷ କୁମାର ଦାସ

ହେ ମୋ ଗାଁ, ହେ ମୋର ଗାଁର ଆରାଧ୍ୟ ଠାକୁର ଠାକୁରାଣୀ, ତୁମେ ମୋର ଜୀବନ। ସକଳ ତୀର୍ଥ ତୁମରି ପୟରେ । ତୀର୍ଥାଟନ ନକରିବି କାହିଁକି ଏଇ ମୋରି ଗାଁରେ!

ଲୋଡ଼ିଲେ, ନିଉଛଣା ହୋଇ ସୁମରିଲେ ସବୁଠି ଦିଅଁ ଦର୍ଶନର ଆପେ ଆତ୍ମଚିନ୍ତନରେ ପରିସ୍ଫୁଟନ ହୋଇଯିବ। ଦାସିଆ ବାଉରୀ ହାତରୁ ପ୍ରଭୁ ଜଗତର ନାଥ ଜଗନ୍ନାଥ ନଡ଼ିଆ ନେଇଗଲା ଭଳି ଅବିସମ୍ବାଦିତ ଘଟଣା ଭକ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ନଘଟିବ କାହିଁକି? ଭକ୍ତ ବତ୍ସଳ ଇଶ୍ୱର କେତେ ରୂପରେ ତାର ଭକ୍ତଙ୍କ ଭକ୍ତି ନିଷ୍କାମ ପରଖି କେତେ ବେଳେ ଆସି ପରମ ସାନ୍ନିଧ୍ୟ ଦେବାର ଅବକାଶ ରଖି ଦେଇଯିବେ, ତାହା ସେହି ଭକ୍ତ ହିଁ ଜାଣିପାରେ। ଆତ୍ମା ପରମାତ୍ମାର ସମାହାର ଓ ପାରସ୍ପରିକ ସହକାର ଲଭିବା ପାଇଁ ଆପଣା ମନ ମନ୍ଦିରର ଘଣ୍ଟି ବଜାଇବାକୁ ପଡ଼ିବ। ଏହି ନଶ୍ୱର ଶରୀରର ଆଧାର ରୂପକ ପ୍ରାଣକୁ ଧନ୍ୟ କରିବାକୁ ହେଲେ, ଆମକୁ ଆମ ଚାରିପଟ ନିରୀହ ନିଷ୍ପେସିତ ଅଲୋଡା ମଣିଷର କାରୁଣ୍ୟତାକୁ ଅନୁଭବ କରି ସେମାନଙ୍କୁ ପ୍ରଗାଢ ଭଲପାଇବା ବାଣ୍ଟିବାକୁ ହେବ। ଦୟା କ୍ଷମାର ପୂଜାରୀ ତଥା ବିବେକୀ ମଣିଷ ସ୍ୱୟଂ ଯେ ଦେବତା ରୂପୀ ପବିତ୍ର ଆତ୍ମା ଅଟେ, ତାହା ତାର ସୁକର୍ମ ସମ୍ପାଦନାରୁ ଆପେ ପ୍ରତିଭାତ ହୋଇଯାଏ। ଯାହାର ଆତ୍ମିକ ପ୍ରଭାବ ସାରା ସମାଜକୁ ଏକ ସକରାତ୍ମକ ପରିବର୍ତ୍ତନ ଆଣିଦେଇଥାଏ।

ଆମ ବାପାଙ୍କ ବାପା, ଗୋସିବାପ ଓ ଆହୁରି ପଛକୁ ଗଲେ, ତାଙ୍କ ବାପ, ଜେଜେବାପ ଅମଳରୁ କିଏ ସେହି ଭଗବତ୍ ପ୍ରେମୀ ତାଙ୍କ ଗାଁର ଆରାଧ୍ୟ ଦେବତା ଓ ଅନ୍ୟାନ୍ୟ ଦେବାଦେବୀଙ୍କ ପୂଜା ଅର୍ଚ୍ଚନା ଓ ଆରାଧନା ପାଇଁ ଛୋଟ ବଡ଼ ମନ୍ଦିର ଗଢାଇ ସାଧାରଣରେ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ବାତାବରଣ ସୃଷ୍ଟି କରିଯାଇଥିଲେ, ତାକୁ ଏବେ ପଚାରେ ଅବା କିଏ ? କିଏ ସେହି କାରିଗର, ଯାର ନିହଣ ମୁନର ଯାଦୁକରୀ ସ୍ପର୍ଶରେ ରାଶି ରାଶି ମନ୍ଦିର ଗାତ୍ରରେ କେତେ କେତେ ଚାରୁ ଓ କାରୁ କଳାର ସୂକ୍ଷ୍ମ କାରିଗରୀ ସେହି ପୁରୁଣା ମନ୍ଦିର ମାନଙ୍କରେ ଫୁଟି ଉଠିଥିଲା, କହିଲେ ନସରେ! ହିନ୍ଦୁ ଧର୍ମର ୩୩ କୋଟି ଦେବତାଙ୍କ ମଧ୍ୟରେ ବିଶେଷ କରି ବିଷ୍ଣୁ ତଥା ଶୈବ ଶାକ୍ତ ପୀଠରେ ଭଳି ଭଳି ନାମ ଓ ମହାତ୍ମ୍ୟ ଯୋଡ଼ି ଦେଇ ଧର୍ମ ବିଶ୍ୱାସୀ ମଣିଷ ପୂଜାପାଠ ସହ ମନ ଚୈତନ୍ୟକୁ ତାର ନିବିଡ ଆଧ୍ୟାତ୍ମିକତା ସହ ସାମାଜିକ ପ୍ରାଣୀ ଭାବେ ତଥା ସାଧୁ ମଣିଷ ଭାବେ ସାଧାରଣରେ ସତ୍ୟ ଧର୍ମ ଶାନ୍ତି ପ୍ରେମ ସଂହତିର ସ୍ଥାପନା କରିଯାଇଥିଲେ ।

ଗାଁରେ ସଂଖ୍ୟା ବହୁଳ ପୁରାତନ ମନ୍ଦିର ଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ । ଅତୀତର ସୁଶୋଭିତ ମନ୍ଦିର କାନ୍ଥରେ ଅନାବନା ବୃକ୍ଷରାଜୀ ସମେତ ବର ଓସ୍ତର ଚେର ମାଡ଼ି ଗଲାଣି। ତାକୁ ସଫା କରିବାରେ କାହାର ସ୍ପୃହା ରହୁନାହିଁ। ଅନେକ ମନ୍ଦିର ଉପରେ ଗଛଲତା ମାଡ଼ି ଯେପରି ତାଙ୍କ ଆସ୍ଥାନ ମେଲାଇ ଏକପ୍ରକାର ଅରମା ବଣର ଭ୍ରମ ସୃଷ୍ଟି କରୁଛନ୍ତି। ପାଖ ବାସିନ୍ଦାଏ ନିଜର ଚାକଚକ୍ୟ ଘର ଉପରେ ସାମାନ୍ୟ ପତ୍ରଟିଏ ପକାଇ ଦେଉନଥିବା ବେଳେ ଗାଁ ଦେବାଦେବୀଙ୍କ ମନ୍ଦିରର ଶ୍ରୀହୀନତାକୁ ଦେଖି ନଦେଖିଲା ଭଳି ହୁଅନ୍ତି। ନିଜ ଜନ୍ମ ମାଟି, ଭିଟାମାଟିର ଆରାଧ୍ୟ ଠାକୁର ତଥା ତାଙ୍କର ମନ୍ଦିରର ଯଦି ଏଡେ ହୀନିମାନ ଅବସ୍ଥା, ତେବେ ଏହାର ଐତିହ୍ୟ ସୁରକ୍ଷିତ ରହି ଥିବା ସ୍ୱପ୍ନ ଭଳି ଅଟେ। ଏଭଳି ନିରବଦ୍ରଷ୍ଟା ସାଜିଲେ ନିଜେ ନିଜକୁ କ୍ଷମା ଦେଇ ପାରିବା ତ ! ଗାଁ ଦିଅଁ ଶିରୀହୀନ, ହୀନିମାନ ଅବସ୍ଥାରେ ରହିଲେ ଗ୍ରାମବାସୀଙ୍କର ଅବା କେଉଁ ଯଶ ବାନା ଫର ଫର ହୋଇ ଉଡିବ?

ହାୟ, ଏବେ ଗାଁର ପୁରୁଣା ମନ୍ଦିର ଗୁଡ଼ିକରୁ ସଂଖ୍ୟାଧିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ତଥା ଆଧ୍ୟାତ୍ମିକ ସଂହତିର ଅଭାବରୁ ଭାଂଗିବାକୁ ବସିଲେଣି। ଅନେକ ଧର୍ମ ପୀଠର ସ୍ଥାନାଧିପତି ଦେବାଦେବୀ ଦିନକୁ ଦିଓଳା ପୂଜା ଅର୍ଚ୍ଚନା ପାଇବା ଦୂରେ ଥାଉ, ସର୍ବ ନିମ୍ନ ପାଣିପତ୍ର ଟିକେ ପାଇବା ଦୁଷ୍କର ହୋଇଯାଉଛି। ଗାଁରେ ଗ୍ରାମବାସୀ ଥାଇ ନଥିବା ଭଳି। ଦେବାଦେବୀଙ୍କୁ ନିତି କାନ୍ତି ପୂଜା ଅର୍ଚ୍ଚନା କଲାବେଳେ ଏବେ ଗାଁ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତଙ୍କ ଅଭାବରୁ ମନ୍ଦିରରେ ଯାନ୍ତ୍ରିକ ଘଣ୍ଟ ମୃଦଙ୍ଗ ବାଦନ ଶୁଣିବାକୁ ମିଳୁଛି। ହରିବୋଲ ହୁଳହୁଳି ଏବେ ଅନେକ ମନ୍ଦିରରେ ସପନ ହେଲାଣି। ଗାଁର ପୁନିଅ ପର୍ବ ପାଳନ ପାଇଁ ଆଉ ସେପରି କାହାର ଆନ୍ତରିକତା ରହୁନାହିଁ। ବୁଝାମଣା ରକ୍ଷା କରି ଠାକୁରଙ୍କ ସେବା କରିବାକୁ କେହି ମନରେ ଆଧ୍ୟାତ୍ମିକ ଚିନ୍ତନ ରଖୁନାହାନ୍ତି।

ଜୀବନରେ ଆମେ ଆମ ହୃଦୟରେ ନିର୍ବିକାର ଭଗବତ ବିଶ୍ୱାସ ରଖି ସରଳ ନିରାମୟ ଜୀବନ ପୋଷଣ କରିବା ଜରୁରୀ। ଏଣୁ ଆମର ଐତିହ୍ୟ ତଥା ଗ୍ରାମ୍ୟ ଜୀବନର ଭକ୍ତି ନିବେଦନ କ୍ଷେତ୍ରରେ ସୁରକ୍ଷା ପାଇଁ ପୁରାତନ ଧର୍ମ ପୀଠର ରକ୍ଷଣାବେକ୍ଷଣ କରି ସଂସ୍କୃତି ସଚେତନତା ସୃଷ୍ଟି କରିବା ଆବଶ୍ୟକ।

ସାଂପ୍ରତିକ ସମୟରେ ଆମ ଜନ୍ମ ମାଟିର ଆରାଧ୍ୟ ଦେବାଦେବୀଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିବା ନିମନ୍ତେ ମନ୍ଦିର ପୀଠର ସଂରକ୍ଷଣର ଆବଶ୍ୟକତାକୁ ବୁଝିବା ମଧ୍ୟ ଜରୁରୀ। ବାର ମାସରେ ତେର ପର୍ବ, ଭଳି ଭଳି ପିଠାପଣା ଭୋଗରାଗ ପ୍ରସ୍ତୁତି ସହିତ ଦୁଆର ମୁହଁରେ ଠାକୁର ଭୋଗ ଖିଆ, ମେଳଣ ରୋଷଣୀ, ପାଲା, ସଂକୀର୍ତ୍ତନ, ବିଶ୍ୱ ଶାନ୍ତି ହୋମଜାଗ ପ୍ରତିଟି ଗାଁର ସାମାଜିକ ଚଳଣି ତଥା ଧାର୍ମିକ ସଂସ୍କୃତିର ଅଙ୍ଗ ବିଶେଷ। ଗାଁର ଯାନୀଯାତ୍ରା, ପର୍ବପର୍ବାଣୀ, ମେଳା ମଉଛବ, ଯନ୍ତାଳ ଭୋଜି ଭାତରେ ସାମିଲ୍ ହୋଇ ଗ୍ରାମବାସୀର ପରିଚୟରେ ଆହା କି ଆନନ୍ଦ ! ଗାଁ ମନ୍ଦିରରେ ତଥା ଚଉପାଢି, ମଣ୍ଡପରେ ଗାଁର ଆରାଧ୍ୟ ଠାକୁର ଠାକୁରାଣୀଙ୍କ ଅନିନ୍ଦ୍ୟ ଦର୍ଶନ ଲାଭ ସୌଭାଗ୍ୟର କଥା। ଗାଁ ଛାଡି ସହରରେ ଅବସ୍ଥାନ କରୁଥିଲେ ମଧ୍ୟ ସଭିଏଁ ଆପଣା ଉଦ୍ୟମରେ ସମସ୍ତଙ୍କୁ ଯୋଡ଼ି ଏହାର ଐତିହ୍ୟକୁ ସର୍ବନିମ୍ନ ପୁନରାବଲୋକନ କରିବାକୁ ଅଣ୍ଟା ଭିଡ଼ିଲେ ଯାଇ ଆମ ଆତ୍ମାକୁ ଗାଁ ସଂସ୍କୃତି ସହ ଆପେ ଯୋଡି ଦେଇ ପାରିବା । ପୁରୁଣା ମନ୍ଦିରକୁ ରକ୍ଷଣାବେକ୍ଷଣ କରିବା ବେଳେ ଏହାର ପ୍ରତ୍ନତତ୍ତ୍ୱ ବିଶେଷତ୍ୱକୁ ମଧ୍ୟ ସମୁଳେ ବୁଝିବାରେ ଆମକୁ ଅନୁସନ୍ଧିତ୍ସା ରଖିବାକୁ ହେବ। ଗାଁର ଶିକ୍ଷିତ ସମାଜରେ ଏହା ପ୍ରତି ଜାଗରଣ ସୃଷ୍ଟି ହେବା ଆବଶ୍ୟକ।।

ଗାଁ ବାହାରେ ତୀର୍ଥାଟନରେ ଯିବା ମନା ନାହିଁ। ହେଲେ ଆପଣା ଜନ୍ମ ମାଟିର ମହତ୍ୱକୁ ବୁଝି ଗାଁ ଦିଅଁ, ଗାଁ ଐତିହ୍ୟ, ଗାଁ ସଂସ୍କୃତି, ଗାଁର ପୀଡ଼ିତ, ଅଭାବୀ ମଣିଷର ମନକୁ ବୁଝିପାରି ଅସମୟରେ ଛିଡ଼ା ହୋଇ ତା ପାଇଁ ଆବଶ୍ୟକ କର୍ତ୍ତବ୍ୟ କର୍ମ ସମ୍ପାଦନ କଲେ ଯାଇ କୋଟି ତୀର୍ଥାଟନର ଫଳ ସହ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହାକୁ ଆତ୍ମାରେ ଆତ୍ମାରେ ନିରତ ଅନୁଶୀଳନ କରିବାକୁ ହେଲେ ଅନୁରାଗ ଓ ଅନୁରକ୍ତିର ପ୍ରଗାଢତା ସବୁ ଆପେ ଆସିଯିବ। ଏଥିରେ ପରମ ସନ୍ତୁଷ୍ଟି ମିଳିବାରେ ଦ୍ୱିରୁକ୍ତି ନାହିଁ। ହେଲେ ସୁବିଧାବାଦୀ ଚିନ୍ତାରେ ରହିଲେ ଆପଣା ବିବେକ ଆପଣା ମନ ହୃଦୟରେ ଅନୁରଣିତ କରିବ ଏତିକି ଯେ, ଆରେ ଅବଲୋକରା, ସକଳ ତୀର୍ଥ ଏହି ଗାଁର ପାଣି ପବନରେ, ନିତି ତୋର ଗାଁ ଭାଇଙ୍କର ଜନ ଜୀବନରେ ନିହିତ ରହିଛି ! 'ଗାଁ ଦିଅଁଙ୍କୁ କାହିଁ କରୁ ଏତେ ଶିରୀହୀନ ଓ ହୀନିମାନ ! ଲାଭ ବା କ'ଣ ହେବ, କରି ତୁହି ଗାଁ ବାହାରେ ଏତେ ତୀର୍ଥାଟନ !

ସ୍ତମ୍ଭକାର, ନାଚୁଣୀ, ଖୋର୍ଦ୍ଧା

ପିନ୍:-୭୫୨୦୩୪,

ମୋ: ୬୩୭୦୪୯୫୯୪୪

## କବିତା କୋଣାର୍କ



### ଓଁ ନମଃ ଶିବାୟ

**ସତ୍ୟ ସିଂ ବାଗ**

ବ୍ରହ୍ମାନନ୍ଦ ସନନ୍ତ କୁମାର ମୁଖୁ
ମହା ଶିବ ପୁରାଣର ପ୍ରକାଶ
ଲକ୍ଷ୍ମୀ ପଚାରିଲେ ନାରାୟଣ ଙ୍କୁ
ତମରଅତିପ୍ରିୟ କିଏକୁହ ଜଗଦିଶ !
କହିଲେ ନାରାୟଣ ଭକ୍ତର ଭକ୍ତ
ମୋଶ୍ରେଷ୍ଠ ମହାଯୁଗେ ଶିବଶଙ୍କର
ଯେ ଶିବକୁ ଭକ୍ତିଭରେ ପୂଜଇ
ସଦାସେହି ଜଗତେ ଭକ୍ତ ପୁଣ୍ୟର !
ଲାଭ ହାନି ମନ୍ଦ ବୁଦ୍ଧି ତ୍ୟାଗି
ଶଙ୍କର ସରଣେ ସଦା ରହି
ନିଜକୁବହରାଇ ରଖ ଶୁଦ୍ଧଭକ୍ତିଲୟ
ଓଁ ନମଃ ଶିବାୟ........


ତୁମେ ଶିବସୁନ୍ଦର ତୁମେହିଁ ସତ୍ୟ
ନୀଳକଣ୍ଠ ଚନ୍ଦ୍ରଶେଖର ପାର୍ବତୀବର
ତୁମ କୃପାବଳେ ଭକତ ଭାବପୂର୍ଣ୍ଣ
ହୁଏ ପୂରଣ ପାଇ ଅନେକ ବର !
ସୁରନର ଯକ୍ଷ୍ୟ କିନ୍ନର ଶ୍ରେଷ୍ଠ ତୁମେ
ଆହେ ବାବା ତୁମେ କପିଳେଶ୍ୱର
ଦେହେବୁଳି ବିଭୁତି ପିନ୍ଧି କବଳ
ସ୍ମଷାନ ବାସିନ୍ଧା ହେ ଦିଗାମ୍ବର !
ଲାଭ ହାନି ମନ୍ଦ ବୁଦ୍ଧି ତ୍ୟାଗି
ଶଙ୍କର ସରଣେ ସଦା ରହି
ନିଜକୁବହରାଇ ରଖ ଶୁଦ୍ଧଭକ୍ତିଲୟ
ଓଁ ନମଃ ଶିବାୟ...........

ନିଜେବିଷ ପାନକରି କଣ୍ଠହେଲାନୀଳ
ଦେବତାଙ୍କୁ ପାନ କରାଇଲ ଅମୃତ
ଗଙ୍ଗା ଦେଲ ଭାଗରଥିକୁ ଗଙ୍ଗାଧର
ସେହି ଗଙ୍ଗା ଜଳେ ଜନର ହିତ !
ତୁମ ବର ରୂପେ ଦଶମସ୍ତକ ହେଲା
ଲଙ୍କେଶ୍ୱର ଅସୁର ବିଶ୍ରବା କୁମର
ଯେବେ ବଦ୍ଧକଲ ତ୍ରିପୁରା ଅସୁର
ତୁମ ତାଣ୍ଡବନୃତ୍ୟେ ବସୁଧା ଅସ୍ଥିର !
ଲାଭ ହାନି ମନ୍ଦ ବୁଦ୍ଧି ତ୍ୟାଗି
ଶଙ୍କର ସରଣେ ସଦା ରହି
ନିଜକୁବହରାଇ ରଖ ଶୁଦ୍ଧଭକ୍ତିଲୟ
ଓଁ ନମଃ ଶିବାୟ..........

ଗ୍ରା / ପୋ - ତେରେସିଂହା
ଭାୟା - ରିଷିଡା
ଜି - କଳାହାଣ୍ଡି
ପିନ - ୭୬୬୦୩୧
ମୋ - ୬୩୫୩୩୭୪୫୦୯

### ଆଶାୟୀ ଅପରାହ୍ନ

**ସୁଧାକର ରାଉତ**



ହାତ ପାତି ତୁମ ପାଶେ ମାଗିଥିଲି
ବଞ୍ଚାଇବାକୁ ଜୀବନ
କାମନା ବାସନା ନିର୍ମୂଳୀ ଲତାରେ
ଜଡାଇ ଦେଲ ସପନ ।

ଆଞ୍ଜୁଳା ଆଞ୍ଜୁଳା ମୋହିନୀ ମାୟାରେ
ଭରି ମୋ ଶୁନ୍ୟ ହୃଦୟ
ବିବେକ ଦ୍ୱାରରେ ପହଡ଼ ପକାଇ
କିପରି ହେଲ ନିର୍ଦ୍ଦୟ ।

ପ୍ରତି ଇସାରାରେ ନିଜତ୍ୱ ପାଶୋରି
ନାଚି ଖିଆଲୀ ମନରେ
କାଗଜ ଡଙ୍ଗାରେ ମୋହାଚ୍ଛନ୍ନ କରି
ଦେଲ ଭସାଇ ସୁଅରେ ।

ମିଛ ଅନୁରାଗ ଅଲିଭା ଅଗ୍ନିରେ
ଆଦିମ ତୃଷା ଜ୍ୱଳନେ
ଜଳିଜଳି ଡୁବିଗଲା କିଛି କ୍ଷଣେ
ଚାହିଁ ଚାହିଁ ସେ ପୁଳିନେ ।

ନିଶ୍ୱାସରେ ନାହିଁ ବିଶ୍ୱାସ ପବନ
ବିଷ ବଦଳେ ଅମୃତ
ଢାଳିଲେ ଅପରିବର୍ତ୍ତ କାୟା ରହେ
ହୋଇ ସବୁରୁ ବଞ୍ଚିତ ।


ନିଷ୍ଠୁର ସମୟ ଅଙ୍ଗୁଳି ଚାଳନେ
କଙ୍କାଳରୁ ବି ଆୟୁଷ
ଚୋରି କରି ପୁଣି ପୁରୁଣା ଅସ୍ଥିରେ
ଦିଅଇ ତୃଷ୍ଣା ପରଶ ।

ତାତିଲା ବାଲିରେ ନିଥର ଶରୀରେ
କାହାକୁ କରି ପାଥେୟ
ସାନ୍ତ୍ୱନା ବିହୀନ ଜରା ବ୍ୟାଧି ଫେଣ୍ଟି
ବଞ୍ଚିବି ହୋଇ ନିର୍ଭୟ ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

### ସ୍ୱର୍ଗଦ୍ୱାରଃ ସ୍ୱପ୍ନ ଓ ସ୍ୱାକ୍ଷର

**ଡାଃ ମନୋରଞ୍ଜନ ଦାଶ**



ମୋ ସୁଖଦ ମୃତ୍ୟୁର ବେଳାରେ
ମୁଁ ଯିବିନି ମୋ ଗାଁକୁ, ଯିବି କିନ୍ତୁ
ସ୍ୱର୍ଗଦ୍ୱାର !
ଏବେ ମୋ ଗାଁରେ ମଣିଷ ପଣିଆର
ଉଜୁଡା ସ୍ୱାକ୍ଷର, ହୀନମନ୍ୟତାର
ଆଚାର ବେଭାର ।
ପୂର୍ବ ପୁରୁଷ ହଜିଗଲେ କାହିଁ କେତେ
ଦୂର ।
ମୋ ଗାଁ ମାଟି ତ ପବିତ୍ର ।
ତାକୁ ମଥାରେ ବୋଳୁଚି ବହୁବାର ।
ପ୍ରଭୁ ଜଗନ୍ନାଥ ! ମୋ ସୁଖଦ
ଦୁଃଖର ଚିର ସହଚର ।
ତାଙ୍କ ଶ୍ରୀ ସ୍ୱର୍ଗଦ୍ୱାରରେ ଜଳିବ ମୋ
ଜୁଇ !
ତା' ମୋର ଅଭିଳାଷ ।
ଲୋଡା ନାହିଁ ମୋ ଗାଁର
ନକାରାତ୍ମକ ମଣିଷମାନଙ୍କ ଛଳନାର
ଲୁହର ପାରାବାର ।
କେମିତି କହିବି କାହା ଆଗେ
ଗାଁଟା ଏବେ ନରକର ଭୂଇଁ।
ଭାରି କଷ୍ଟ ଲାଗେ, ମୁଁ ଭାବି ଭାବି
ଆତ୍ମୀୟତା ପାଇବି ଅବା କାହୁଁ,
ନୀରବରେ ଦେଖୁଚି ବସି
ମୋ ଗାଁର ଦୃଶ୍ୟ ଓ ତାର
ସବୁଜ ବିଲବାଡ଼ି ।
ହେଲେ..ଜୀବନର ଅନ୍ତିମ
ବେଳାରେ
ଯିବି ନାହିଁ ମୋ ପ୍ରିୟ ଗାଁକୁ,
ଯିବି କିନ୍ତୁ ସ୍ୱର୍ଗ ଦ୍ୱାର !
ତା' ଲେଖୁଚି କବିତା ରେ,
ସେଇ ମୋର ସ୍ୱପ୍ନ ଓ
ସ୍ୱାକ୍ଷର ।

ପ୍ରଭାବତୀ ନିଳୟମ୍,
ବେଲତଳ, ପଟ୍ଟାମୁଣ୍ଡାଇ
ଜି: କେନ୍ଦ୍ରାପଡ଼ା
ମୋ -୯୪୩୭୩୧୭୭୨୨


# ମହାରାଷ୍ଟ୍ର ସପ୍ତଶୃଙ୍ଗ ଗଡର ମା' ସପ୍ତଶୃଙ୍ଗୀ



ସୁଷମା ପରିଜା

ନାସିକ୍‌ଠାରୁ ଷାଠିଏ କିଲୋମିଟର ଦୂର ସପ୍ତଶୃଙ୍ଗ ଗଡରେ ଅବସ୍ଥିତ ମା' ସପ୍ତଶୃଙ୍ଗୀଙ୍କର ମନ୍ଦିର । ଘନଜଙ୍ଗଲ ଆଉ ସହସ୍ର ପାହାଡ ଘେରା ଏହି ଶକ୍ତିପୀଠର ବର୍ଣ୍ଣନା ଦେବୀ ଭାଗବତ ପୁରାଣରେ ବର୍ଣ୍ଣିତ ଦେବୀ ସତୀ ଙ୍କର ଶରୀରର ଅଂଶରୁ ସମ୍ଭୂତ ଏକାବନଟି ଶକ୍ତପୀଠ ମଧ୍ୟରେ ରହିଛି । କଥିତ ଅଛି ଯେ ଦେବୀ ସତୀଙ୍କର ଦକ୍ଷିଣ ହସ୍ତଟି ଏହି ସ୍ଥାନରେ ପତିତ ହୋଇଥିଲା । ଏଣୁ ଏହାକୁ ଅର୍ଦ୍ଧ ଶକ୍ତି ପୀଠ ବୋଲି କେହି କେହି କହିଥାନ୍ତି ।


ଦେବୀ ମହାତ୍ମ୍ୟ କହେ ପିତା ଦକ୍ଷଙ୍କ ଦ୍ୱାରା ଯଜ୍ଞରେ ଅପମାନିତ ହୋଇ ଦେବୀ ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମାହୂତି ଦେଇଥିଲେ । ଦେବଦେବ ମହାଦେବ ପ୍ରାଣପ୍ରିୟା ପତ୍ନୀଙ୍କର ମୃତ୍ୟୁ ସମ୍ବାଦ ପାଇ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଯଜ୍ଞସ୍ଥଳରେ ପହଞ୍ଚି ଦକ୍ଷଙ୍କ ଶିରଚ୍ଛେଦନ କରି ଯଜ୍ଞ ନଷ୍ଟ କରିବା ପରେ ଦେବୀଙ୍କର ମୃତ ଶରୀରକୁ କାନ୍ଧରେ ପକାଇ ବ୍ରହ୍ମାଣ୍ଡ ସାରା ପ୍ରଚଣ୍ଡ ତାଣ୍ଡବ ନୃତ୍ୟ କରି କରି ଘୁରି ବୁଲନ୍ତେ ପୃଥ୍ୱୀ ମାତା ଦେବଗଣଙ୍କ ସହିତ ପୃଥ୍ୱୀ ରକ୍ଷା ପାଇଁ ଗୁହାରି କଲେ ଅନନ୍ତ ନାରାୟଣଙ୍କୁ । ପ୍ରଭୁ ଅନନ୍ତ ନାରାୟଣ କୌଶଳ କ୍ରମେ ସୁଦର୍ଶନ ଚକ୍ରରେ ଶିବଙ୍କର କାନ୍ଧରେ ଥିବା ସତୀଦେବୀଙ୍କର ମୃତ୍ୟୁ ଶରୀରକୁ ଖଣ୍ଡ ଖଣ୍ଡ କରି ଏକାବନ ଖଣ୍ଡରେ କାଟି ପକାଇଲା ପରେ ଦେବଦେବ ମହାଦେବଙ୍କୁ ସ୍ତୁତି କରି ଶାନ୍ତ କରାଇଲେ । ସତୀ ଦେବୀଙ୍କର ଶରୀରର ଖଣ୍ଡମାନ ଯେଉଁ ଯେଉଁ ସ୍ଥାନରେ ପତିତ ହୋଇଥିଲା ସେଠାରେ ଶକ୍ତିପୀଠମାନ ଗଢି ଉଠି ମହାପାବନ କ୍ଷେତ୍ର ବୋଲି ବିବେଚିତ ହେଲା ଏବଂ ମୁନି ଋଷି ଗଣ ଏହି ମହା ପାବନ କ୍ଷେତ୍ରମାନଙ୍କରେ ତପସ୍ୟା କରି ସିଦ୍ଧି ପ୍ରାପ୍ତ ହେଲେ । ମହାରାଷ୍ଟ୍ରରେ ଦେବୀଙ୍କ ଶରୀରର ସାଢେ ତିନି ଖଣ୍ଡ ପଡି ସେଠାରେ ଚାରୋଟି ଶକ୍ତି ପୀଠ ନିର୍ମିତ ହୋଇଥିଲା ବୋଲି କଥିତ ଅଛି । ସେଗୁଡିକ ହେଲା କୋହ୍ଲାପୁରର ମହାଲକ୍ଷ୍ମୀ ମନ୍ଦିର, ତୁଳଯାପୁରର ତୁଳଯାଭବାନୀ ମନ୍ଦିର , ମହୁର ବା ମାତ୍ରିପୁରର ରେଣୁକା (ମହାକାଳୀ) ମନ୍ଦିର ଏବଂ ନନ୍ଦୁରି ଗ୍ରାମର ସପ୍ତଶୃଙ୍ଗୀ ମନ୍ଦିର । ପରେ ଏହି ସ୍ଥାନଟି ସପ୍ତଶୃଙ୍ଗୀ ଗଡ ନାମରେ ନାମିତ ହୋଇଥିଲା । ଏହି ଚାରୋଟି ମନ୍ଦିରକୁ ପ୍ରଣବ (ଓଁ)ର ଚାରି ଅଙ୍ଗ– ଯଥା ( 'ଅ' କାର , 'ଉ' କାର , 'ମ' କାର, ଏବଂ ଅର୍ଦ୍ଧ ମାତ୍ରା) ର ପ୍ରତୀକ ବୋଲି କୁହାଯାଏ ।



ସପ୍ତଶୃଙ୍ଗୀ ଦେବୀଙ୍କ ମନ୍ଦିରଟି ସାତୋଟି ପାହାଡର ଘେର ମଧ୍ୟରେ ଅବସ୍ଥିତ । ପାଞ୍ଚ ଶହ ଦଶଟି ପାହାଚ ଚଢି ତୀଖକୁ ଯିବାକୁ ପଡୁଥିବା ଅତ୍ୟନ୍ତ ଦୁର୍ଗମ ଏହି ଶକ୍ତି ପୀଠଟିରେ ଦେବୀ ଅତୀତରେ କେବଳ ମରାଠା ଏବଂ ଭିଲ୍ ଜନଜାତି ମାନଙ୍କ ଦ୍ୱାରା ସେମାନଙ୍କ କୁଳଦେବୀ ରୂପେ ପୂଜିତ ହେଉଥିଲେ । ଦେବୀ ମହାତ୍ମ୍ୟ ଅନୁସାରେ ଏହି ସପ୍ତଶୃଙ୍ଗୀ ଦେବୀ ମା' ମହାଲକ୍ଷ୍ମୀ, ମହାସରସ୍ୱତୀ ଏବଂ ମହାକାଳୀଙ୍କର ତ୍ରିଗୁଣଧାରିଣୀ । ଲୋକ ମୁଖରେ ଏହା ମଧ୍ୟ ଶୁଣିବାକୁ ମିଳେ ଯେ ଦେବୀ ବ୍ରହ୍ମାଙ୍କର କମଣ୍ଡଳୁରୁ ଜାତ , ସେ ବ୍ରାହ୍ମଣୀ । ପୁଣି ସେ ମହିଷମର୍ଦ୍ଦିନୀ ଦୁର୍ଗା ଯିଏ ମହିଷାସୁରର ନିଧନ କରି ଏହି ପାହାଡ ଶିଖରରେ ବିଶ୍ରାମ ନେଉଛନ୍ତି, ପାହାଡର ପାଦଦେଶରେ ଥିବା ପ୍ରଥମ ପଥରଟି କାଳେ ମହିଷାସୁରର ମସ୍ତକ । ଆହୁରି ମଧ୍ୟ ଜନଶ୍ରୁତି ରହିଛି ଯେ ସପ୍ତଶୃଙ୍ଗୀଙ୍କ ଆବାସ ସ୍ଥଳୀଟି ରାମାୟଣରେ ବର୍ଣ୍ଣିତ ଦଣ୍ଡକାରଣ୍ୟର ଅଂଶବିଶେଷ । ପ୍ରଭୁ ଶ୍ରୀରାମଚନ୍ଦ୍ର, ପତ୍ନୀ ଜାନକୀ ଏବଂ ଭ୍ରାତା ଲକ୍ଷ୍ମଣଙ୍କୁ ସାଥିରେ ଧରି ଏଇଠି ଆସି ରହିଥିଲେ । ଏହି ପାହାଡ ଶୃଙ୍ଖଳାର ଉତ୍ତର ଦିଗରେ ମାର୍କଣ୍ଡେୟ ନାମରେ ଏକ ଗୁମ୍ଫା ରହିଛି । କଥିତ ଅଛି ଯେ ଏଠାରେ ରହି ଋଷି ମାର୍କଣ୍ଡେୟ ଦେବୀଙ୍କର ଉପାସନା କରି ସିଦ୍ଧିଲାଭ କରିଥିଲେ । ପୁଣି ଶୁଣାଯାଏ ଶିରିଡି ସାଇବାବାଙ୍କର ଆତ୍ମକଥାରେ ଏହି ସପ୍ତଶୃଙ୍ଗୀ ଦେବୀଙ୍କର ଉଲ୍ଲେଖ ରହିଛି । ବାବା ଏହି ସ୍ଥାନର ଜଣେ ଭକ୍ତଙ୍କୁ ତାଙ୍କର ଉପାସନା କରି ମାନସିକ ରୋଗରୁ ଆରୋଗ୍ୟ ଲାଭ କରାଇଥିଲେ ।

ଲୋକକଥା ଏବଂ କାହାଣୀ ତ' ଅନେକ କିନ୍ତୁ ଏହା ସ୍ୱତଃସିଦ୍ଧ ଯେ ମା' ସପ୍ତଶୃଙ୍ଗୀ ଖୁବ୍ ପ୍ରତ୍ୟକ୍ଷ ଠାକୁରାଣୀ, ସେ ସିଦ୍ଧିଦାତ୍ରୀ ।

ସପ୍ତଶୃଙ୍ଗୀ ମନ୍ଦିରଟି ଏକ ଦୁଇ ମହଲା ବିଶିଷ୍ଟ ପାହାଡ ଖୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରଥମ ମହଲାରେ ପାର୍ଶ୍ୱର ଦେବୀଦେବତା ଏବଂ ଦ୍ୱିତୀୟ ମହଲାରେ ଦେବୀଙ୍କର ଆସ୍ଥାନ ରହିଛି । ଏଠାରେ ଦେବୀ ପ୍ରତିମା ସ୍ୱୟମ୍ଭୂ ଅର୍ଥାତ୍ ପାହାଡ ଖୋଲି ଭିତରପଟେ ଏକ ବଡ ପ୍ରସ୍ତର ଉପରେ ନିଜେ ନିଜ ଦ୍ୱାରା ନିର୍ମିତ (ଖୋଦିତ) । ସାଧାରଣ ଭାବରେ ଦେଖିଲେ ଏହା ଆଠଫୁଟ୍ ଉଚ୍ଚରେ ଖୋଦେଇ ହୋଇଥିବା ଏକ ଅଷ୍ଟାଦଶଭୂଜା ଦେବୀ ମୂର୍ତ୍ତି , କେଶରୀ ରଙ୍ଗର ସିନ୍ଦୂରରେ ରଙ୍ଗାୟିତ ଦେବୀଙ୍କର ସର୍ବାଙ୍ଗ । ତାଙ୍କର ଅଷ୍ଟାଦଶ ଭୂଜରେ ରହିଛି ମହିଷାସୁର ନିଅନ୍ତି ନିମନ୍ତେ ଦେବଗଣଙ୍କ ପ୍ରଦତ୍ତ ଅସ୍ତ୍ର ଶସ୍ତ୍ର, ଯଥା – ଶିବଙ୍କର ତ୍ରିଶୂଳ, ବିଷ୍ଣୁ ଙ୍କର ସୁଦର୍ଶନ ଚକ୍ର, ବରୁଣଙ୍କର ଶଙ୍ଖ, ଅଗ୍ନି ଙ୍କର ବହ୍ନିବଳୟ, ବାୟୁଙ୍କର ଧନୁ ତୀର,ଇନ୍ଦ୍ରଙ୍କ ବଜ୍ର, ଘଣ୍ଟା, ତାଙ୍କର ଦଣ୍ଡ, ବ୍ରହ୍ମାଙ୍କ କମଣ୍ଡଳୁ ଅକ୍ଷରମାଳା, ସୂର୍ଯ୍ୟ ଦେବଙ୍କର ଅଂଶୁମାଳି, ଖଡଗ, ବିଶ୍ୱକର୍ମା ଙ୍କର ପରଶୁ, କୁବେର ଙ୍କର ପୟପାତ୍ର, ଗଦା, ପଦ୍ମ, ପାଶ, ଅଙ୍କୁଶ । ଦେବୀ ଙ୍କର ଶିରରେ ଶୋଭା ପାଉଛି ହୀରଣ୍ମୟ ଶିରସ୍ତ୍ରାଣ, ଲାଳସାରେ ସୁବର୍ଣ୍ଣର ନୋଥ ଏବଂ ଗଳାହାର । ଦେବୀ କାଞ୍ଚଳା ଭଳି ଏକ ବସ୍ତ୍ର ସହିତ ଓଢିଆଣୀରେ ଆବୃତା । ଦେବୀଙ୍କର ଚକ୍ଷୁ ଦୁଇଟି ଶୁଭ୍ର ଚିନାମାଟି (porcelain)ରେ ନିର୍ମିତ ଯାହା ଅତ୍ୟନ୍ତ ଜାଜ୍ୱଲ୍ୟମାନ । ସେବକମାନେ ପ୍ରତ୍ୟହ ଦେବୀଙ୍କୁ ଜଳାଭିଷେକ କରାଇ ପୋଷାକ ପତ୍ର ପରିବର୍ତ୍ତନ ସହ ସାଜସଜ୍ଜା କରାଇଥାନ୍ତି । ସିନ୍ଦୂର ପ୍ରିୟା ସେ ଦେବୀମାତା । ଭକ୍ତଗଣ ମୁଖ୍ୟତଃ ଦେବୀଙ୍କୁ ସିନ୍ଦୁର ଅର୍ପଣ କରିଥାନ୍ତି । ଦେବୀଙ୍କର ସମ୍ମୁଖରେ ଥିବା ଦଲାଣ ରେ ପୋତା ହୋଇଛି ପିତ୍ତଳର ତ୍ରିଶୂଳଟିଏ , ଯାହା ଘଣ୍ଟି ଏବଂ ଦୀପ ଦ୍ୱାରା ସୁସଜ୍ଜିତ । ଦଲାଣ ମଝିରେ ପିତ୍ତଳର ସିଂହ ମୂର୍ତ୍ତି ଟିଏ ସତେ ଅବା ମାଆଙ୍କୁ ଜଗି ବସିଛି ।



ପୂର୍ବରୁ ଅଗମ୍ୟ ଥିବା ଏହି ମନ୍ଦିରର ଅନେକ ପରିବର୍ତ୍ତନ ଘଟିଛି । ସମୟାନୁକ୍ରମେ ମୂଳ ମନ୍ଦିରର ବିଭିନ୍ନ ଅଙ୍ଗର ଅଭିବୃଦ୍ଧି କରାଯାଇଛି । ଊଣେଇ ଶହ ଶତାବ୍ଦୀରେ ମୁଖ୍ୟ ଆସ୍ଥାନ ନିକଟରେ ଛାତ ଆକୃତିର ତୋରଣଟି ଗଢାଇ ଦେଇଥିଲେ ସତାରା ଜିଲ୍ଲାର ମୁଖ୍ୟ ପ୍ରଶାସକ । ତତ୍ପରେ ଭିନଚୁର୍ ଜିଲ୍ଲାର ପ୍ରଶାସକ ଆହୁରି କିଛି ଉନ୍ନତିକରଣ କରିଥିଲେ । ସାତଶହ ଦଶ ମସିହା ରେ ଉମାବାଇ ଦାଭାଡେ ନାମ୍ନୀ ଭକ୍ତ ଜଣେ ପାହାଡର ସେଇ ପାନ୍ସଶହରୁ ଊର୍ଦ୍ଧ୍ୱ ଆବୁଡାଖାବୁଡା ପାହାଚକୁ ସମତୁଲ କରି ଛୋଟ ଛୋଟ ପାହାଚରେ ପରିବର୍ତ୍ତିତ କରିବା ନିମନ୍ତେ ଅର୍ଥ ଦାନ କରିଥିଲେ । ପ୍ରତ୍ୟେକ ପାହାଡରେ ରାମ, ସୀତା, ହନୁମାନ, ରାଧାକୃଷ୍ଣ, ଦତ୍ତାତ୍ରେୟ ଏବଂ କଚ୍ଛପଙ୍କର ଆକୃତି ମାନ ରହିଛି । କଥିତ ଅଛି ଯେ ନିକଟସ୍ଥ ବରିଗାଁର ମୁଖିଆ ପ୍ରତି ପୂର୍ଣ୍ଣିମା ରାତିରେ ପତାକାଟିଏ ଧରି ସେଇ ପାହାଚରେ ଚଢି ଚଢି ମନ୍ଦିରର ଶୀର୍ଷଦେଶକୁ ଯାଆନ୍ତି ଏବଂ ଉଦୟମାନ ସୂର୍ଯ୍ୟର ପ୍ରଥମ କିରଣରେ ସେଇ ପତାକା ଝଲସି ଉଠେ । କେଉଁ ପଥଦେଇ ସେ ନିର୍ଦ୍ଦେଶକୁ ଯାଆନ୍ତି ତାହା କେହି ଜାଣନ୍ତି ନାହିଁ, ଜାଣିବାକୁ ଚେଷ୍ଟା କଲେ କାଳେ ଅନ୍ଧ ହୋଇଯିବେ ।

ଏବେ ସରକାରଙ୍କ ତରଫରୁ ଏହାକୁ ପର୍ଯ୍ୟଟନ ସ୍ଥଳ ଭାବରେ ଗ୍ରହଣ କରି ଅନେକ ବିକାଶ କରା ଯାଇଛି । ପାହାଡରେ ପାନ୍ସଶହ ପଥର ପାହାଚକୁ କାଟି ଗଡାଣିଆ ରାସ୍ତା ତିଆରି ହୋଇଛି ରୋପ୍ ଟ୍ରେନ୍‌ରେ ଭକ୍ତ ମାନେ ଆଖି ପିଛୁଳାକେ ମା' ସପ୍ତଶୃଙ୍ଗୀଙ୍କ ମନ୍ଦିର ଦ୍ୱାର ପାଖରେ ପହଞ୍ଚି ପାରୁଛନ୍ତି, ସେଠାରେ ଭକ୍ତ ମାନଙ୍କ ପାଇଁ ଧାଡିବାନ୍ଧି ଦର୍ଶନ କରିବାର ସୁବନ୍ଦୋବସ୍ତ କରାଯାଇଛି । ସୁନ୍ଦର ଗ୍ୟାଲେରୀ ସହିତ ଭୋଜନାଳୟ, ଦୋକାନ ବଜାର ମଧ୍ୟ ଖୋଲା ଯାଇଛି । ଏବେ ଆଉ ଅଗମ୍ୟ ହୋଇ ରହିନାହିଁ ମହାରାଷ୍ଟ୍ରର ସପ୍ତଶୃଙ୍ଗୀ ମାତାଙ୍କ ମନ୍ଦିର । ବର୍ଷସାରା ହଜାର ହଜାର ଭକ୍ତଙ୍କ ଭିଡ ଲାଗି ରହିଛି ସେଠାରେ । ଏଇ ନିକଟରେ ଲେଖିକାର ସୌଭାଗ୍ୟ ହୋଇଥିଲା ମା' ସପ୍ତଶୃଙ୍ଗୀଙ୍କୁ ଦର୍ଶନ କରିବାର । ଗୁଜୁରାଟର ବଲସାଡ୍‌ରୁ ବାହାରି ଆମେ ଟ୍ରାଭେରା ଗାଡିଟିଏ ନେଇ ନାସିକ୍ ରାସ୍ତାରେ ଯାଇ ଖୁବ୍ ସୁନ୍ଦର ଭାବରେ କେତେ ସହଜରେ ଦର୍ଶନ କରି ପାରିଲୁ । ରୋପ୍ ଟ୍ରେନ୍‌ରେ ବସିବାର ମଜା ନିଆରା । ସେଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ମନୋରମ ଯେ ହୃଦୟ ଭିତରେ ଛାପି ହୋଇ ରହିଥିବ ଚିରଦିନ । ଜୟ ମା' ସପ୍ତଶୃଙ୍ଗୀ !!

+ ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

---



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୪(କ) ॥
(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିତିଗଲା କୋଟି, କୋଟି ବର୍ଷ... ।

ସେହି ଯୁଗଳ ଜୀବନମାନଙ୍କୁ ଫୁଲ ଶରରେ ପରସ୍ପର ପ୍ରତି ଆକର୍ଷଣ କରି ଅତନୁ ମଧୁର ବନ୍ଧନରେ ବନ୍ଧନ କଲେ । କ୍ରମେ ସେମାନେ ବିବର୍ତ୍ତିତ ହୋଇ ବିରାଟ କାୟ ତିମିର ସୃଷ୍ଟି ହେଲା, ଡ଼ଲଫିନ୍, ସାର୍କର ସୃଷ୍ଟି ହେଲା...... । ଯଉଁ ମୀନ ମାନଙ୍କ ପରଠାରୁ ହିଁ ପୃଥିବୀରେ ଅସଂଖ୍ୟ ଯୁଗଳ ଦେହୀ ପ୍ରାଣୀମାନେ ନିଜ ନିଜକୁ ବଞ୍ଚାଇ ବାର ଜୀବନ ସଂଗ୍ରାମ କରି ସମଗ୍ର ପୃଥିବୀରେ ବ୍ୟାପି ଗଲେ ଏବଂ ପୃଥିବୀରେ ସେମାନଙ୍କ ପାଇଁ ସ୍ଥାନର ଅଭାବ ହେଲା ।

ସେଇ ଜଳର ସାମ୍ରାଜ୍ୟରେ ହିଁ ପ୍ରଥମେ ଶୁଭିଥିଲା ରୂପାସ୍ତ୍ରଙ୍କ ପୁଷ୍ପଧନୁର ଟଙ୍କାର । ମତ୍ସ୍ୟ ଓ ମତ୍ସ୍ୟ କନ୍ୟା ମାନେ ହେଲେ ଉତ୍ତେଜିତ, ପୁଲକିତ, ରମଣ ପିପାସୁ । ଜଡିଗଲେ ଜଣେ ଅନ୍ୟ ସହିତ ଏକାକାର ଭାବେ, ଦଣ୍ଡାୟମାନ ରତିରେ ଅନ୍ତରଙ୍ଗ ଭାବେ !! ସେହିଠାରୁ ହିଁ ଶେଷ ହୋଇଥିଲା ପଦ୍ମ କଳ୍ପ । ଆଉ ପୁରାଣକାରମାନେ ବ୍ରହ୍ମାଙ୍କୁ ଯେଉଁ ପଦ୍ମ (ସୃଜନର ସ୍ଥାନ) ଉପରେ ବସାଇ ଦେଇଥିଲେ, ତାହା କେବଳ ଏକ ପଦ୍ମ କଳ୍ପ ସମୟ ବ୍ୟତୀତ ଆଉ କଣ ହୋଇପାରେ, ଯାହାର ପ୍ରତ୍ୟେକ ପାଖୁଡ଼ା ଗୋଟିଏ, ଗୋଟିଏ ବର୍ଷ ଥିଲା ? ?

ଏହି ପର୍ଯ୍ୟନ୍ତ ହୋଇଥିବା ପ୍ରତ୍ୟେକ ସୃଷ୍ଟିର ଆୟୁଷ କୋଟି, କୋଟି ବର୍ଷ ଥିଲା । ତେଣୁ ଏହି ସମୟକୁ କୋଟି ସଂଖ୍ୟାରେ ଗଣନା କରାଯାଉଥିଲା ।

ସେହି ମୀନମାନେ ହିଁ ଥିଲେ ପୃଥିବୀରେ ପ୍ରଥମ ରତିକ୍ରିୟା କରିଥିବା ପ୍ରାଣୀ ଏବଂ ସେହି ସମୟଠାରୁ ପ୍ରାୟ ଚଉବନ କୋଟି ବର୍ଷ ପରେ ।.. ତଟ ସରସ୍ୱତୀରେ ଅବସ୍ଥିତ ବ୍ରହ୍ମାବର୍ତ୍ତରେ ବସି ସ୍ୱୟଂଭୂ ସନତ ଯୋଗ ବଳରେ ଏହା ଜ୍ଞାତ ହୋଇଥିଲେ । ତାଙ୍କଠାରୁ ଜ୍ଞାତ ହୋଇଥିଲେ ସେହି ପ୍ରାଚୀନ ଲୁପ୍ତ ନଦୀ କୂଳରେ ବସି ମନ୍ତ୍ର ସାଧନା କରୁଥିବା ଋଷି ମାନେ । ବର୍ତ୍ତମାନଠାରୁ ପ୍ରାୟ ପାଞ୍ଚ ହଜାର ପାଞ୍ଚ ଶହ ବର୍ଷ ତଳେ ମହା ଭାରତ, ଭାଗବତ ଓ ଗୀତା ଆଦି ଅନେକ ପୁଣ୍ୟ ଗ୍ରନ୍ଥ ରଚନା କରିଥିବା ତଥା ବେଦରର ସଙ୍କଳନ କରିଥିବା ପୂଣ୍ୟ ପୁରୁଷ ମହର୍ଷି ବେଦ ବ୍ୟାସ । ହୋଇପାରେ , ସେହି ପ୍ରାଚୀନ ସରସ୍ୱତୀ ନଦୀର କୂଳରେ ଥିବା ପୀଠ ଋଷି, ମୁନି ମାନଙ୍କ ମନ୍ତ୍ର ଉଚ୍ଚାରଣରେ ଅତି ପବିତ୍ର ଥିଲା । ମା' ସରସ୍ୱତୀଙ୍କ ସ୍ୱରୂପ । ସେହି ନଦୀରେ ଯିଏ ସ୍ନାନ କରୁଥିଲା, ସେ ଆପେ,ଆପେ ଜ୍ଞାନୀ ହୋଇ ଯାଉଥିଲା । ହୁଏତ ଏହି ତପସ୍ୟା ଓ ସ୍ନାନ ବଳରେ ସେଇ ଅଦୃଶ୍ୟ ଶକ୍ତି ତାଙ୍କ ଗ୍ରନ୍ଥ ରଚନାର ଦିଗ୍ ଦର୍ଶକ ଥିଲେ ଓ ନିଜର ଅଜ୍ଞାତରେ ସେ ମିଥୁନର ଦେବତା କାମ ଦେବଙ୍କୁ ମୀନ କେତନ ନାମରେ ନାମିତ କଲେ ଓ ତାଙ୍କ ପତାକାରେ ଏକ ମତ୍ସ୍ୟର ଚିହ୍ନ ଆଙ୍କି ଦେଲେ !! ( ଏବେ ମଧ୍ୟ ରକ୍ଷଣା ଶୀଳ ବ୍ରାହ୍ମଣ ପରିବାରରେ ବିବାହ ଦିନ ବର ପକ୍ଷ କନ୍ୟା ଘରକୁ ଏକ ବଡ ମାଛ ନେଇ ବିବାହ ଦେବାକୁ ଯାଇଥାନ୍ତି ।)

ଏଇଠି ଅଟକି ଗଲେ ପରବର୍ତ୍ତୀ ସହସ୍ର ସହସ୍ର ବର୍ଷପରେ ବେଦ, ଭାଗବତ ଓ ପୁରାଣ ରଚନା କରିଥିବା ମୁନି, ଋଷି ଏବଂ ପୁଣ୍ୟ ପୁରୁଷ ଦୈପାୟନ । ନିଜ, ନିଜର ରଚନାରେ ସେମାନେ ଏବେ ଯୋଗଲବ୍ଧ ସୃଷ୍ଟି ତତ୍ତ୍ୱର ବାଖ୍ୟା କରୁଛନ୍ତି । କିନ୍ତୁ, ସେହି ମୀନ ଯେ ଭଗବାନଙ୍କର ପ୍ରଥମ ଅବତାର ତାର କ'ଣ କିଛି ପ୍ରମାଣ ଦେଇଛନ୍ତି ? କାହିଁକି ସେ ହେବେ ନାହିଁ ଦିନେ ଜଡ଼ବିଜ୍ଞାନୀ ମାନଙ୍କ ମତରେ କ୍ରମ ବିବର୍ତ୍ତନର ଏକ ସାଧାରଣ ଜୀବ ସୃଷ୍ଟି ମାତ୍ର ?

ସୃଷ୍ଟିର ଆରମ୍ଭରେ ତ ଭଗବାନ ପରଂବ୍ରହ୍ମ ବ୍ରହ୍ମାଙ୍କୁ ଏହି ସତ୍ୟ ଶୁଣାଇଥିଲେ ।

'ହେ, ବ୍ରହ୍ମା ! ଏ ବ୍ରହ୍ମାଣ୍ଡରେ ଯାହା କିଛି ସୃଷ୍ଟି ଅଛି, ଯାହା ହୋଇଥିଲା ଏବଂ ଯାହା ସୃଷ୍ଟି ହେବ, ତୁମେ ସ୍ମରଣ ରଖିବ ଯେ ସେ ସବୁ ମୁଁ ଅଟେ । ମୋ ବ୍ୟତୀତ ବିଶ୍ୱର ଅର୍ଥ ଅନ୍ୟ କିଛି ହିଁ ନାହିଁ । ହିଁ, ବେଦ ରଚୟିତା ମାନଙ୍କ ମଧ୍ୟରେ ମୂର୍ତ୍ତିମନ୍ତ ବୈଜ୍ଞାନିକ ପ୍ରଜାପତି ବ୍ରହ୍ମା ତାହା ସ୍ମରଣ ଓ ବିଶ୍ୱାସ ରଖିଛନ୍ତି ।


ସ୍ୱୟଂଭୂଙ୍କ ନିକଟରେ ମଧ୍ୟ ଆଉ ଅଧିକ ସମୟ ନଥିଲା । ତାଙ୍କ ଚତୁଃପାର୍ଶ୍ୱରେ ପ୍ରଳୟର ଜଳ ମାଡ଼ି ଆସୁଥିଲା । ଯେଉଁ ଆଗାମୀ ପ୍ରଳୟର ସଂକେତ ପାଇ ସେହି ପ୍ରଳୟ ଜଳ ମଧ୍ୟରୁ ବେଦ ଏବଂ ଆଗାମୀ ନୂତନ ସୃଷ୍ଟି ପାଇଁ ବୀଜ ତଥା ନାରୀମାନଙ୍କୁ ଉଦ୍ଧାର କରିବା ପାଇଁ ସେ ଏବେ ଏକ ଶତ ବର୍ଷ ଧରି ଯୋଗରେ ସମାଧିସ୍ଥ ହୋଇଛନ୍ତି । ସୃଷ୍ଟିର ତତ୍ତ୍ୱ ଲାଭ କରିଛନ୍ତି । ଆଉ ଅଧିକ ଅତୀତକୁ ଦେଖିବା ପାଇଁ ତାଙ୍କର ସମୟ ନାହିଁ !! ବେଳକୁ ବେଳ ମାଡ଼ି ଆସୁଛି ମହା ପ୍ରଳୟ !

(କ୍ରମଶଃ)

+ବାଲିଝରି,
କାନପୁର, ବଡ଼ମ୍ବା, କଟକ

---

# ଅନୁକରଣ



ଶୁଭଦର୍ଶିନୀ ଦାଶ

ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ କିନ୍ତୁ ତା'ର ପ୍ରୟାସ ଧୀରେ ଧୀରେ ସହଜ ଆଉ ସୁବିଧା ଜୀବନ ବଞ୍ଚିବାରେ ସୀମିତ ହୋଇ ଗଲାଣି । ତେଣୁ ତା'ର ନୀତିନିୟମ ବି ସେମିତି ସୁବିଧା ସୁଯୋଗ ଦେଖି ପରିବର୍ତ୍ତନଶୀଳ । ବାସ୍ତବରେ ଦେଖିବାକୁ ଗଲେ ଏହା ହିଁ ଚାଲିଛି ଦୁନିଆରେ । ଏଠି କଥା ଅନୁଯାୟୀ କାମ କରୁଥିବା ଲୋକ ହାତଗଣତି ମାତ୍ର । ଆଉ ଏଣ୍ଡୁଅ ପରି ରଙ୍ଗ ବଦଳାଉଥିବା ଲୋକଙ୍କ ସଂଖ୍ୟା ବେଶ୍ ଅଧିକ । ସେଥିପାଇଁ ବୋଧହୁଏ ସେମାନେ ନିଜର ବୁଦ୍ଧି, ବିବେକ, ଅସ୍ତିତ୍ୱକୁ ଛାଡି ଅତିଶୀଘ୍ର ତାଙ୍କୁ ସୁହାଇଲା ଭଳି କଥା କହୁଥିବା ଲୋକଙ୍କ ସହ ହଁ ରେ ହଁ ମାରି, ପାଦ ସହ ପାଦ ମିଶାଇ ଚାଲନ୍ତି । ଆଉ ସେଭଳି କିଛି ପ୍ରୟାସରେ ବୁଦ୍ଧି ଏବେ ମେଣ୍ଢାବୁଦ୍ଧିରେ ପରିଣତ ହୋଇଗଲାଣି । ମେଣ୍ଢାବୁଦ୍ଧି କହିବାର ଉଦ୍ଦେଶ୍ୟ ମେଣ୍ଢାମାନେ ଯେପରି ଆଗ ପଛ କିଛି ନ ଦେଖି ଜଣଙ୍କୁ ଅନୁକରଣ କରି ଅନ୍ୟମାନେ ପଛକୁ ପଛ ମାଡିଚାଲନ୍ତି ଠିକ୍ ସେପରି ମଣିଷ ଶ୍ରେଷ୍ଠ ଜୀବନଟେ ପାଇ ମଧ୍ୟ ସହଜ ଓ ଶସ୍ତା ପ୍ରତିଯୋଗିତାରେ ନିଜକୁ ସାମିଲ କରି ଚାଲିଛି । ଭୁଲ୍ ଠିକ୍ ବିଚାର କରିବାକୁ ଆଦୌ ଶ୍ରେୟ ମଣୁନାହିଁ । ଯାହାଦ୍ୱାରା ତା' ନିଜର କ୍ଷତି ହେବାଦ୍ୱାରା ତାହା ତା'ର ପରିବେଶ ଓ ସମାଜ ଉପରେ ମଧ୍ୟ କୁପ୍ରଭାବ ପକାଉଛି । ସ୍ୱାଧୀନତାକୁ ଲାଇସେନ୍ସ ବୋଲି ଭାବିନେଇଥିବା ଆଜିର ଯୁବପିଢ଼ିଙ୍କୁ ଗୋଟିଏ ସାମାନ୍ୟ ଯନ୍ତ୍ର କବଳିତ କରିନେଲାଣି । ଯେଉଁଠାରେ ନିଜର ଦକ୍ଷତାକୁ ଛାଡି ଅନ୍ୟକୁ ଅନୁକରଣ (follow) କରି ନିଜକୁ ମନୁଷ୍ୟରୁ ମେଣ୍ଢା ସଜାଇବାକୁ ବସିଲେଣି । ଅନୁକରଣକରିବା ଦ୍ୱାରା ଭଲ ଶିକ୍ଷାକୁ ତ ବିଶେଷ ଭାବେ ଆପଣେଇ ପାରୁନାହାନ୍ତି କିନ୍ତୁ ସହଜ ଆଉ ସୁବିଧାକୁ ଆପଣେଇବା ଓ ଉପଭୋଗ କରିବାରେ ନିଜର ବହୁମୂଲ୍ୟ ସମୟ ବ୍ୟର୍ଥ କରି ନିଜର ଦକ୍ଷତା କ'ଣ ତାହା ଜାଣିପାରୁ ନାହାନ୍ତି । ଭ୍ରମିତ ହୋଇ ଭୁଲ୍ ବାଟରେ ଚାଲୁଛନ୍ତି । ଏପରିକି ଦେଖାଗଲାଣି ଆଜି କିଏ ଯଦି ପଥରରେ ଚଢି ଫୋଟ ସୁଟ କରିଛି ତା'ର ହଜାର ହଜାର ପ୍ରଶଂସକ । ପିଲାଏ ତାକୁ ଅନୁକରଣ କରି ଆଉ ତା ଠାରୁ ବେଶି ପାରିବାର ମୋହରେ ପାହାଡ଼ ଉପରେ ଉଠି ନାଚି ଫୋଟ ସୁଟ କରୁଛନ୍ତି । ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା ଅଟେ କାରଣ ତମ ପାରିବା ପଣିଆଟା ପାହାଡ଼ ଉଠିବା ପାଇଁ କିମ୍ବା ଅନ୍ୟ କେଉଁ କାମ ପାଇଁ ଉଦିଷ୍ଟ ପ୍ରଥମେ ତାକୁ ତର୍ଜମା ନକରି,ଅନ୍ୟକୁ ଦେଖି ଉଠିଯାଉଛି । ତମେ ହୁଏତ ସେହି ପରିବା ପଣିଆରେ ଭଲ ଫୁଟବଲ ଖେଳୁଥାଇ ପାର କିମ୍ବା ଭଲ ପାଠ ପଢୁଥାଇ ପାର କିନ୍ତୁ ପାହାଡ଼ କେବେ ଆଗରୁ ଚଢ଼ିନ ଜୋସରେ ଯାଇ ଚଢିଲା ବେଳେ ଗୋଡ଼ ଖସିଗଲେ କ'ଣ ହେବ ସେ ବାବଦରେ ଚିନ୍ତା କରିପାରୁନାହିଁ । ଅନୁକରଣକାରୀଙ୍କ ସଂଖ୍ୟା ବଢିବା ଆଶାରେ ବିପଦ ଓ ବିକୃତ କାମ କରିବାକୁ ମାଡିଯାଉଛନ୍ତି । ଶିଖିସାରି ଚଢ଼ ନହେଲେ ନିଜ ଦକ୍ଷତା ଅନୁଯାଇ କର୍ମରେ ନିଜକୁ ନିୟୋଜିତ କର କ୍ଷ ଅନ୍ୟର ଦକ୍ଷତାକୁ ଅନୁକରଣ କରି ନିଜର ବହୁମୂଲ୍ୟ ସମୟକୁ ନଷ୍ଟ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ଭାବିବା କଥା । ଏପରି କରିବା ଦ୍ୱାରା କର୍ମ କେତେ ଫଳପ୍ରଦ ହେବ ତାହାତ ସମୟ କହିବ କିନ୍ତୁ ନ କରିପାରିଲେ ମାନସିକ ସ୍ତରରେ ଦୁର୍ବଳ ନିହାତି ହେବ ।

କିଛି ନୂତନ କାର୍ଯ୍ୟ କାରିବାରେ କୌଣସି ମନା ନାହିଁ ତାହାତ ସ୍ୱାଗତଯୋଗ୍ୟ ହେଲେ ସେଥିପ୍ରତି ସତର୍କ, ସାବଧାନ, ଶାରୀରିକ ଶୃଙ୍ଖଳା ଓ ସାମାଜିକ ଶୃଙ୍ଖଳାର ଆବଶ୍ୟକ ନିହାତି ରହିବା ଦରକାର । ମନୁଷ୍ୟ ଏକ ସାମାଜିକ ପ୍ରାଣି, ସମାଜ ବିନା ବଞ୍ଚିପାରିବ ନାହିଁ । ତେଣୁ ସମାଜ ପ୍ରତି ମଧ୍ୟ କିଛି କର୍ତ୍ତବ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କର ନିହାତି ଅଛି । ହଁ ଏଠି ବୟସର ବାୟାମନ, ମନକୁ ନାନା ପ୍ରୋଲଭନ ଦେଖେଇଥାଏ,ମାତ୍ର ଯିଏ ତାକୁ ବୁଝାଇବାରେ ସକ୍ଷମ ହୋଇଯାଏ ସିଏ ତା ଜୀବନରେ ଅଧିକ ସଫଳ ହୋଇଥାଏ ନିହାତି । ଯଦି ସଫଳତାକୁ ପାଞ୍ଚୋଟି ପାହୁଚରୁ ତମେ ନିଜ ଦକ୍ଷତାରେ ତିନୋଟି ଉଠି ଯାଇଛ ତେବେ ଆଉ ଦୁଇଟି ପୁରା କରିବାର ପ୍ରୟାସ ଉତ୍ତମ ନା ଅନ୍ୟର ଦକ୍ଷତାକୁ ଦେଖି ତିନିପାଦ ଓହ୍ଲାଇଆସି ସମ୍ପୂର୍ଣ୍ଣ ଅନଭିଜ୍ଞ ବାଟରେ ଚାଲିବ ଉତ୍ତମ । ପହଞ୍ଚିବ ନା ନାହିଁ ନଜାଣି ପଂହଁଚିବାର ପ୍ରୟାସରେ ପ୍ରଥମରୁ ପାହାଚ ଚଢିବ ନା ସବୁ ଦେଖି ଭ୍ରମିତ ହୋଇ କେଉଁଟି ପାହାଚ ଆଉ କେଉଁଟି ଖାଲ ଫରକ ନକରିପାରି ଖାଲରେ ଡେଇଁପଡିବ । କିଛି କରିବା ପୂର୍ବରୁ ପ୍ରଥମେ ତା'ର ଉଭୟ ପାର୍ଶ୍ୱ ଓ କିଛି ଅଭିଜ୍ଞଙ୍କ ଉପଦେଶ ବିଚାରକୁ ନେବା ନିହାତି ଅର୍ନ୍ଦ୍ୱାର୍ଯ୍ୟ ।

ସବୁ ଜାଣ, ଦେଖ କିନ୍ତୁ ନିଜ ଦକ୍ଷତାକୁ ପ୍ରଥମେ ଖୋଜ, କାରଣ ଯଦି କିଛି କାର୍ଯ୍ୟରେ ସଫଳ ହେବାକୁ ଇଛାଥାଏ ତାହା କେବଳ ନିଜ ଦକ୍ଷତାରେ ହିଁ ହୁଏ । ଆଉ ଯଦି ଦକ୍ଷତା ଅନୁଯାୟୀ ନିଜକୁ ସମୟ ଦେବ ଓ ଶୃଙ୍ଖଳିତ ହୋଇ କାର୍ଯ୍ୟକୁ କରିଚାଲିବ ତେବେ ସଫଳତାର ସ୍ୱାଦ ନିହାତି ଚାଖିବ । କାରଣ ସତକର୍ମ, ସତ ପ୍ରୟାସ ଯେଉଁଠି ଭାଗ୍ୟ ଆଉ ଭଗବାନ ବି ସେଇଠି । ଆଉ ଅନ୍ୟର ସ୍ୱପ୍ନରେ ନିଜକୁ ସଜେଇ ଚାଲିଲେ କେବଳ ମରୀଚିକା ହୋଇ ଝଲସି ହେବ କିନ୍ତୁ କେବେ ଜଳ ବିନ୍ଦୁ ହୋଇ ତୃଷ୍ଣା ମେଣ୍ଟାଇ ପାରିବନାହିଁ ।

ଅନ୍ୟର ଦକ୍ଷତା ଅନୁକରଣରେ ନୁହଁ ବରଂ ସମୟ ନିଜ କର୍ମକୁ ଦେଲେ ଦୁନିଆ ଆପଣଙ୍କୁ ଅନୁକରଣ କରିବ ।

+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

---

## ଆଜିର କବିତା

### ବାଇମୁଣ୍ଡିର ଚିନ୍ତା

ଅଂଜଳି ପଣ୍ଡା



ସୁଜଳା ସୁଫଳା
ଶସ୍ୟ ଶ୍ୟାମଳା
ଏ ମୋର ଭାରତଭୂଇଁ
ଆଜି ଜଳର ପ୍ଲାବନେ
ଉଜୁଡ଼େ କ୍ଷେତ
କେଉଁଠି ଫଟା ଭୂଇଁ,
ଭାତହାଣ୍ଡି ଆଜି ଯାଇଛି ଉଜୁଡ଼ି
ଏହା ଲାଗି କିଏ ଦାୟୀ ?
ଖଟଖିଆ ପୁଅ
ମଉଜ କରୁଛି
ତାସ୍ ବାଡ଼ଉଛି
ଦାଦନ ଖଟୁଛି
ଚୋରି ଲୁଟ୍ ଅବା ରାହାଜାନି,
ଅପହରଣ, ଗଣବଳାତ୍କାର
ଏ ଯୁବ ପିଢ଼ିଙ୍କର କାରଦାନୀ ।
କେଉଁଠି ହଜିଲା
ମୋ ଦେଶ ଗୌରବ
ହତଶିରୀ ଆମ ଭବିଷ୍ୟତ
ମଥା ନଉଁଥିଲେ ବିଶ୍ୱବାସୀଏଁ
କାହିଁ ସେ ସୁନ୍ଦର ଭାରତ ।
ଶୃଙ୍ଖଳା ହଜିଲା
ହଜିଲା ସଂସ୍କୃତି
ଶିକ୍ଷାଦୀକ୍ଷା ଗଲା
ହଜିଲା ଦେଶର ସନମାନ ।
ମୋ ଭାରତ ବୋଲି
ହୃଦେରୁ ଗରବ କରିବାରେ
ରହୁନାହିଁ ଆଉ ଏବେ ଧ୍ୟାନ ।
ଅଗଷ୍ଟ ପନ୍ଦର ଆସୁଛି ଯାଉଛି
ଭାଷଣ ବାଜିରେ ଫୁଟୁଛି ବାଣ
ଭଲ ପାଇବାରେ ଦେଶକୁ
ଦିଶୁନାହିଁ ଦେଶଭକ୍ତି ଲକ୍ଷଣ ।
କେମିତି ନିଜର ପେଟ ପୁରିବ
ପେଟ ବଢ଼ିବ, କ୍ଷମତା ମିଳିବ
ନେତାଙ୍କର ଏହି ବକଧ୍ୟାନ
ସ୍ୱାଧୀନତାର ରକ୍ଷା ଲାଗି ଆଜି
କା ହୃଦେ ନାହିଁ ତିଳେ ସ୍ଥାନ ।
ଦେଶରେ ହିଂସା ଯାଏ ବଢ଼ି ବଢ଼ି
ହାହାକାର ଲାଗେ ଜୀବନ
ଦରଦାମରେ ଅତିଷ୍ଠ ମଣିଷ
ନାରୀମାନେ ସତତ ଭୟଭୀତ
ନାହିଁ ତାଙ୍କ ଲାଗି ସମ୍ମାନ ।
ଦେଶର ଭିତରେ, ବାହାରେ ଶତ୍ରୁ ପ୍ରବଳ
ଘର ଶତ୍ରୁ ବିଭୀଷଣ
କେବେ ବୁଝିବେ, ଏ ଅବୁଝା ମାନେ
ଦେଶଟା ଆମର
ଆମେ ଯେ ତାହାର ସନ୍ତାନ ।

+ଚୌଧୁରୀ ସାହି, ବାଲେଶ୍ୱର

# ବାଲେଶ୍ୱରରେ ପାଳିତ ହେଲା ଜିଲ୍ଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ




ବାଲେଶ୍ୱର, ୧୬/୦୭ (ନି.ପ୍ର): ବାଲେଶ୍ୱର ସଦର ମହକୁମାସ୍ଥିତ ରିଜର୍ଭ ପୋଲିସ ପ୍ୟାରେଡ଼ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି ଯୋଗ ଦେଇ ସକାଳ ଘ୯.୧୫ମି. ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ବାଲେଶ୍ୱର ଜିଲ୍ଲାର ଅବଦାନ ଉପରେ ଆଲୋକପାତ କରି ନୀଳଗିରି ପ୍ରଜାମଣ୍ଡଳ ବିଦ୍ରୋହ, ଇଂଚୁଡ଼ି ଲୁଣମରା ଆନ୍ଦୋଳନ, ତୁଡ଼ିଗଡିଆ ଆନ୍ଦୋଳନ, ବାଘା ଯତୀନ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନର ସ୍ମୃତିଚାରଣ କରିଥିଲେ । ସେହିପରି ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ସ୍ୱତନ୍ତ୍ର ଭାଷାଭିତିକ ଓଡ଼ିଶା ପ୍ରଦେଶ ଗଠନ ପାଇଁ ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳଗୌରବ ମଧୁସୂଦନ ଦାସ, କବିବର ରାଧାନାଥ ରାୟ ପ୍ରମୁଖଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ । ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟ ପାଇଁ ଆଗେଇ ଆସିଥିବା ସ୍ଥାନୀୟ ଲୋକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ପାଇଁ ମାନ୍ୟବର ମନ୍ତ୍ରୀ ବାହାନଗାବାସୀଙ୍କ ସହିତ ଜିଲ୍ଲା ପ୍ରଶାସନର ଭୂରି ଭୂରି ପ୍ରସଂଶା କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ରାଜ୍ୟରେ ଏବେ ବିକାଶର ଧାରା ଜାରି ରହିଥିବା ବେଳେ ଆମ ରାଜ୍ୟର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବିକାଶ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଥିବା ସେ କହିଥିଲେ । ୫-ଟି ଉପକ୍ରମରେ ରାଜ୍ୟରେ ବିଦ୍ୟାଳୟଗୁଡ଼ିକରେ ସୃଷ୍ଟି କରାଯାଇଥିବା ଶୈକ୍ଷିକ ପରିବେଶ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରାଜ୍ୟରେ ଲକ୍ଷ- ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରାଯାଇଥିବା, ମୋ ଘର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଇତ୍ୟାଦି ଉପରେ ଆଲୋକପାତ କରି ଏହା ଦ୍ୱାରା ରାଜ୍ୟର ପ୍ରଗତିର ଧାରା ବେଶ ଆଗକୁ ଯାଇପାରିଥିବା ସେ କହିଥିଲେ । ବାଲେଶ୍ୱର ଜିଲ୍ଲାରେ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ଏବଂ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଦ୍ୱାରା ଜିଲ୍ଲା ତଥା ରାଜ୍ୟର ପ୍ରଗତି ତ୍ୱରାନ୍ୱିତ ହୋଇପାରିଥିବା ମାନ୍ୟବର ମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ଶିନ୍ଦେ, ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ସାଗରିକା ନାଥ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀଯୁକ୍ତ କୁନାଲ ମୋତିରାମ ଚୌହାନଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇଟି ପୋଲିସ କଂଟିଜେଣ୍ଟ, ଗୋଟିଏ ପୋଲିସ ବ୍ୟାଣ୍ଡ, ଏନ.ସି.ସି ଓ ସିଭିଲିଆନ ଦଳ ମିଶାଇ ମୋଟ ୪୫ଟି ପ୍ଲାଟୁନ ଅଂଶଗ୍ରହଣ କରିଥିଲେ । ରିଜର୍ଭ ଇନସପେକ୍ଟର ଶ୍ରୀ ବିରେନ କୁମାର ବେହେରା ମାର୍ଚ୍ଚ ପାଷ୍ଟର ନେତୃତ୍ୱ ନେବା ସହିତ ମୁଖ୍ୟ ଅତିଥିଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ତାଙ୍କୁ ସହଯୋଗ କରିଥିଲେ ସେକେଣ୍ଡ-ଇନ-କମାଣ୍ଡ ଶ୍ରୀ ରାଜୀବ ମାର୍ଣ୍ଡି । ଜିଲ୍ଲାସ୍ତରୀୟ ସମାରୋହ ଅବସରରେ ବିଭିନ୍ନ ବର୍ଗର ୧୩ ଜଣ ଯଥା ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ ଜିଲ୍ଲାରେ ଶ୍ରେଷ୍ଠ ହୋଇ ଥିବା ଜଣେ ସଫଳ ବୃତ୍ତିଧାରୀ, ୨ଜଣ ବରିଷ୍ଠ ସାମ୍ବାଦିକ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ୫ ଜଣ କୃତୀ ଛାତ୍ରଛାତ୍ରୀ, ଜାତୀୟ ସ୍ତରରେ ପଦକ ହାସଲ କରିଥିବା ୩ ଜଣ କ୍ରୀଡ଼ାବିତ, ୨ ଜଣ ସଫଳ ଏନ.ସି.ସି କ୍ୟାଡେଟଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ୟାରେଡ଼ରେ ଅଂଶଗ୍ରହଣ କରିଥିବା ଏନ.ସି.ସି, ସ୍କାଉଟ ଗାଇଡ଼ ଏବଂ ସିଭିଲିଆନ ଦଳମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟ୍ରୁପମାନଙ୍କୁ ଶିଲ୍ଡ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ମାନ୍ୟବର ମନ୍ତ୍ରୀ ପ୍ୟାରେଡ଼ ପଡ଼ିଆରେ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରିୟଦର୍ଶିନୀ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାଧୀନତା ଦିବସ ଅବସରରେ ରୋଗୀ କଲ୍ୟାଣ ସମିତି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା । ନେହେରୁ ଯୁବ କେନ୍ଦ୍ର ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଅନୁରୂପ ଭାବେ ରୋଟାରୀ କ୍ଲବ ବାଲେଶ୍ୱର ତରଫରୁ ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଆୟୋଜନ ହୋଇଥିଲା ଓ ହ୍ୟାଣ୍ଡିକେପଡ ୱେଲଫେୟାର ଇନଷ୍ଟିଚ୍ୟୁଟରେ ଫଳ ଓ କେକ୍ ବଣ୍ଟନ କରାଯାଇଥିଲା । ଲାୟନ୍ସ କ୍ଲବ, ବାଲେଶ୍ୱର ପକ୍ଷରୁ ଜିଲ୍ଲା କାରାଗାରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ବେପାରୀ ଖସୁଛନ୍ତି, ନିଶାଡ଼ି ଫସୁଛନ୍ତି : ବ୍ରାଉନ୍‌ସୁଗାର ଆଁରେ ନୟାଗଡ଼, ପାଞ୍ଚ ବର୍ଷରେ ୧୯୦ ଗିରଫ



ନୟାଗଡ଼, ୧୬/୦୭ (ନି.ପ୍ର): ମାତ୍ର ୫ ବର୍ଷରେ ନୟାଗଡ଼ ଜିଲ୍ଲାରେ ବ୍ରାଉନ୍‌ସୁଗାର କାୟା ବିସ୍ତାର କଲାଣି । ମଦ, ଗଞ୍ଜେଇ ଯେଭଳି ଗଳିକନ୍ଦିରେ ମିଳେ, ବ୍ରାଉନ୍‌ସୁଗାର ମଧ୍ୟ ସେହିଭଳି ଉପଲବ୍ଧ ହେଲାଣି । ଏହି ମାରାତ୍ମକ ନିଶା ଥରେ ସେବନ କଲେ ଛାଡ଼ିବା ଅସମ୍ଭବ । ଅଧିକାଂଶ ଯୁବକ ଏହି ନିଶା ମାୟାରେ ପଡ଼ିଥିବା ବେଳେ, ଏହାକୁ ଖାଇବାକୁ ଚୋରି, ଲୁଟ୍ ଭଳି ଘଟଣା ଘଟାଇବାକୁ ମଧ୍ୟ ଏମାନେ ପଛାଉନାହାନ୍ତି । ବ୍ରାଉନ୍‌ସୁଗାର କାରବାର ଉପରେ ରୋକ୍ ଲଗାଇବାକୁ ତତ୍କାଳୀନ ଏସ୍‌ପି ସିଦ୍ଧାର୍ଥ କଟାରିଆ ଏକ ସ୍ପେଶାଲ ସ୍କ୍ୱାଡ୍ ଗଠନ କରିଥିଲେ, ଊଣାଅଧିକେ ଏହି ସ୍କ୍ୱାଡ୍ ପାଇଁ ବ୍ରାଉନ୍‌ସୁଗାର ବେପାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଥିଲା । କିନ୍ତୁ ଏହି ସ୍କ୍ୱାଡ୍ ପ୍ରାୟ ବର୍ଷେ ହେବ ନିଷ୍କ୍ରିୟ ପାଲଟିଛି । ବ୍ରାଉନ୍‌ସୁଗାର ନେଇ ଆଉ ତନାଘନା ନାହିଁ । ଖବର ମୁତାବକ, ନୟାଗଡ଼ ଟାଉନ୍ ଥାନା ନିକଟସ୍ଥ ଏକ ଗ୍ରାମ, ସହର ମଧ୍ୟରେ ଥିବା ଏକ ବସ୍ତିରେ ଏହି ବେପାର ବେଶ୍ ଜମୁଥିବା ଦେଖାଯାଇଛି । ୨୦୧୮ରେ ପ୍ରଥମ ଥର ପାଇଁ ନୟାଗଡ଼ ଜିଲ୍ଲାରେ ନୟାଗଡ଼ ଟାଉନ୍ ଥାନା ଅଞ୍ଚଳରୁ ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ୨ ଜଣ କଲେଜ ଛାତ୍ରଙ୍କୁ ଗିରଫ କରାଯାଇଥିଲା । ଏହା ପରଠାରୁ ଧୀରେ ଧୀରେ ଏହି କାରବାର ବଢ଼ି ଚାଲିଛି । ଗତ ବିଧାନସଭା ଅଧିବେଶନରେ ସରକାର ରଖିଥିବା ଉତ୍ତର ମୁତାବକ, ରାଜ୍ୟରେ ୨୦୧୮ରୁ ୨୦୨୨ ମଧ୍ୟରେ ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ୨୫୯୧ ଜଣ ଗିରଫ ହୋଇଛନ୍ତି । ଯାହା ମଧ୍ୟରେ ନୟାଗଡ଼ ଜିଲ୍ଲାରୁ ୧୯୦ ଜଣ ଗିରଫ ହୋଇଛନ୍ତି । ନୟାଗଡ଼ ଜିଲ୍ଲାରେ ୨୦୧୮ରେ ୫ ଜଣ ଗିରଫ ହୋଇଥିବା ବେଳେ, ୧ ଗ୍ରାମ୍ ୪ ମିଲିଗ୍ରାମ୍ ବ୍ରାଉନ୍ ସୁଗାର ଜବତ ହୋଇଥିଲା । ୨୦୧୯ରେ ଜଣେ ମହିଳାଙ୍କ ସମେତ ୧୯ ଜଣ ଗିରଫ ହୋଇଥିବା ବେଳେ ମୋଟ୍ ୧୨ ଗ୍ରାମ୍ ୨୪୦ ମିଲିଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିଲା । ସେହିଭଳି ୨୦୨୦ରେ ୩୦ ଜଣ ଗିରଫ ହୋଇଥିବା ବେଳେ, ୧୬ ଗ୍ରାମ୍ ୩୧୩ ମିଲିଗ୍ରାମ୍ ଓ ୨୦୨୧ରେ ୨ ଜଣ ମହିଳାଙ୍କ ସମେତ ସମୁଦାୟ ୮୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୫୫୮ ଗ୍ରାମ୍ ୫୦ ମିଲିଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା । ୨୦୨୨ରେ ୫୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ, ୧୧୨ ଗ୍ରାମ୍ ୯୦ ମିଲିଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିଲା । ୨୦୨୩ରେ କିନ୍ତୁ ବ୍ରାଉନ୍‌ସୁଗାର ମାମଲା ହେଉ ବା ଗିରଫ ଘଟଣା କାଁ ଭାଁ ଦେଖିବାକୁ ମିଳୁଛି । ଖୋର୍ଦ୍ଧା, ବାଲେଶ୍ୱରରୁ ନୟାଗଡ଼ ସହର ତଥା ଜିଲ୍ଲାକୁ ବ୍ରାଉନ୍‌ସୁଗାର ଚାଲାଣ ହେଉଛି । ତେବେ ପୁଲିସ ଅଧିକାଂଶ ସମୟରେ ନିଶାଡ଼ିମାନଙ୍କୁ ଗିରଫ କରୁଥିବା ବେଳେ, ବେପାରୀ ସହିତ ସଲାସୁତରା କରୁଥିବା ଜନୈକ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କଠାରୁ ସୂଚନା ମିଳିଛି । ବ୍ରାଉନ୍‌ସୁଗାର ଧରିବାକୁ ସ୍ପେଶାଲ ସ୍କ୍ୱାଡ୍ ଗଠନ କରି ତତ୍କାଳୀନ ଏସ୍‌ପି ଶ୍ରୀ କଟାରିଆ ଦେଖାଇଥିବା ତତ୍ପରତା ଆଉ ଦେଖିବାକୁ ମିଳୁନାହିଁ । ଏ ସମ୍ପର୍କରେ ନୂତନ ଏସ୍‌ପି ରାହୁଲ ଜୈନଙ୍କୁ ପଚାରିବାରୁ ବ୍ରାଉନ୍‌ସୁଗାର କାରବାର ନେଇ ଅନୁଧ୍ୟାନ କରିବି ବୋଲି କହିଛନ୍ତି ।

# ଗାନ୍ଧି ସ୍ମୃତି ଭବନ ଓ ଗୋପବନ୍ଧୁ ପାର୍କ ସମ୍ମୁଖରେ ପ୍ରିମିୟମ ମଦ ଦୋକାନ ଖୋଲିବା ଯୋଜନାକୁ 'ମନା'ର ବିରୋଧ

ବାଲେଶ୍ୱର, ୧୬/୦୭ (ନି.ପ୍ର): 'ମିଳିତ ନିଶା ନବାରଣ ଅଭିଯାନ,(ମନା) ବାଲେଶ୍ୱର' ପକ୍ଷରୁ ଗତ ୧୧ ଅଗଷ୍ଟରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ହୋଇଯାଇଛି । ସେହି ବୈଠକରେ ସାଧାରଣ ସଂପାଦିକା ମମତା ମହାପାତ୍ର କହିଲେ ଯେ, 'ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ବାଲେଶ୍ୱର ସହର ଓ ଏହାର ନାଭିକନ୍ଦ୍ର 'ଗାନ୍ଧି ସ୍ମୃତି ଭବନ, ଗୋପବନ୍ଧୁ ପାର୍କ ଓ ଷ୍ଟେସନ ଛକ' । ଷ୍ଟେସନ ଛକରୁ ଫକୀରମୋହନ ଗୋଲାଇ ପର୍ଯ୍ୟନ୍ତ ରାସ୍ତାଟି ହେରିଟେଜ୍ ରୋଡ୍ । କାରଣ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ, ଉତ୍କଳମଣି ଗୋପବନ୍ଧୁ ଦାଶ ଓ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଏହି ରାସ୍ତାରେ ରହିଛି । ଖୁବ୍ ନିକଟରେ ମିଶନ ବାଳିକା ଉଚ୍ଚ ବିଦ୍ୟାଳୟ, ଉ.ପ୍ରା. ବିଦ୍ୟାଳୟ, ମନ୍ଦିର ଓ ବ୍ୟାଙ୍କମାନ ଅବସ୍ଥିତ । ଏଭଳି ଏକ ସମ୍ବେଦନଶୀଳ ଓ ପବିତ୍ର ସ୍ଥଳରେ ପ୍ରିମିୟମ ମଦ ଦୋକାନ ଖୋଲିବାକୁ ଜିଲ୍ଲା ପ୍ରଶାସନ ଦ୍ୱିତୀୟ ଥର ଯୋଜନା କରୁଛନ୍ତି ।' ଆଇନ ଦୃଷ୍ଟିରୁ କେତେଦୂର ଏହା ଗ୍ରହଣୀୟ ଓ ବିବେଚନା ଯୋଗ୍ୟ ତାହା ଜିଲ୍ଲା ପ୍ରଶାସନ ବିଚାରକୁ ନେଇ ନଥିବାରୁ 'ମନା'ର ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ସଭାପତି ଓ ସାଧାରଣ ସଂପାଦିକା ଜିଲ୍ଲା ପ୍ରଶାସନର ଅବକାରୀ ବିଭାଗ ଠାରେ ପ୍ରତିବାଦ ପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି କ୍ରମେ ସଭାପତି ଓ ସାଧାରଣ ସଂପାଦିକା ଗତ୧୪ ଅଗଷ୍ଟରେ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରି ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି । 'ମନା'ର ବୈଠକରେ ସର୍ବଶ୍ରୀ ଉପଦେଷ୍ଟା ସୁବ୍ରତ କର ଓ ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ଓ ଅର୍ଚ୍ଚନା ନନ୍ଦୀ, ନିରଞ୍ଜନ ପରିଡ଼ା, କମଳାକାନ୍ତ ଦାଶ, ଗୀତାଞ୍ଜଳି ସିଂହ, କ୍ରୀଷ୍ଣା ସାହା, କଲ୍ୟାଣୀ ନନ୍ଦ, ଭାରତୀ ପଣ୍ଡା, ମୀନା ସେଠୀ, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ତ୍ରିଦିବ କୁମାର ନାୟକ, ଭୂପତିଭୂଷଣ ଦାସ, ବେଣୁଧର ସାହୁ, ଯୋଗେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରସନ୍ନ ପାଢ଼ୀ, ସୁକୁମାର ରଣା, ସୀତାରାମ ପ୍ରଧାନ, ରବିନାରାୟଣ ଭୋଳ, ରମେଶଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା, ସନାତନ ଦାସ, ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଆତଙ୍କ ସୃଷ୍ଟି କଲେଣି ବୁଲା କୁକୁର : ଟଙ୍କା ଅଣ୍ଟୁନିର ଆଳ ଦେଖାଇ ବନ୍ଧ୍ୟାକରଣ ଧିମା



ପୁରୀ, ୧୬/୦୭ (ନି.ପ୍ର): ଘାରିଲାଣି କୁକୁର ଆତଙ୍କ । ସହରରେ କୁକୁରଙ୍କ ଦେ ?ରାତ୍ମ୍ୟ ସୀମା ଲଂଘିଲାଣି । କେତେବେଳେ ବାଇକ୍‌ଆରେହୀ ତ କେତେବେଳେ ସ୍କୁଲ ପିଲା ବୁଲାକୁକୁରଙ୍କ ଶିକାର ହେଉଛନ୍ତି । ପରିସ୍ଥିତି ଏମିତି ହେଲାଣି ଯେ ଏହି ବୁଲାକୁକୁର ଏବେ ଘରେ ପଶି ଲୋକଙ୍କୁ ଆକ୍ରମଣ କଲେଣି । ଆଜି କୁକୁର ଆକ୍ରମଣରେ ଏକ ପରିବାରର ଦୁଇଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ପରିବାରର ମହିଳା ସଦସ୍ୟା ଭୟରେ ସାରା ଦିନ ଘର ବାହାରେ ବିତାଇଛନ୍ତି । ପ୍ରାଣୀ ଚିକିତ୍ସାଳୟର ସଦସ୍ୟମାନେ ଆସି କୁକୁରକୁ କାବୁ କରିବା ପରେ ମହିଳା ଜଣକ ନିଜ ଘରକୁ ଯାଇଛନ୍ତି । କୁକୁର କାମୁଡ଼ାର ଏଭଳି ଏକ ଭୟଭୀତ ଘଟଣା ଆଜି ୩୧ ନମ୍ବର ୱାର୍ଡ ଅଧୀନ ଭୂଦାନ ନଗରରେ ଦେଖିବାକୁ ମିଳିଛି । ପୁରୀ ସହର ମଧ୍ୟରେ ପ୍ରତି ମାସରେ ୮୦ କୁକୁରଙ୍କର ବନ୍ଧ୍ୟାକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମାତ୍ର ପ୍ରଶାସନିକ ଅବହେଳା ଯୋଗୁ ଏହି ଟାର୍ଗେଟ ପୂର୍ଣ୍ଣ ହୋଇ ପାରୁନାହିଁ । ଫଳରେ କୁକୁରଙ୍କ ସଂଖ୍ୟା ବହୁ ମାତ୍ରାରେ ପୁରୀ ସହରେ ବଢ଼ି ଯାଇଛି । ଏଣେ କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ମିଳୁଥିବା ଅର୍ଥରାଶି ପର୍ଯ୍ୟାପ୍ତ ହେଉନଥିବାରୁ ଏହି କାର୍ଯ୍ୟ ଧିମେଇ ଯାଇଛି । ବନ୍ଧ୍ୟାକରଣ ପାଇଁ ଆସୁଥିବା କୁକୁରମାନଙ୍କୁ ସପ୍ତାହେ ପର୍ଯ୍ୟନ୍ତ ଖାଦ୍ୟ ବାବଦରେ ମିଳୁଛି ମାତ୍ର ୬୦ ଟଙ୍କା । ଅପରେସନ ପୂର୍ବରୁ ଖାଦ୍ୟ ଦିଆଯାଉନଥିବାରୁ ୫ ଦିନ ପାଇଁ ମିଳୁଛି ମୋଟ୍ ଏତିକି ଅର୍ଥରାଶି । ବନ୍ଧ୍ୟାକରଣ ପାଇଁ ମିଳୁଥିବା ଅର୍ଥ ରାଶି ବର୍ଷ ବର୍ଷ ହେଲା ବଦଳି ନାହିଁ । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୦୬ ମସିହାରେ ଏହି ଦର ନିର୍ଦ୍ଧାରଣ କରାଯାଇଥିବା ବେଳେ ଏବେ ବି ସେଇ ସୀମିତ ଅର୍ଥରାଶି ଯୋଗାଇ ଦେଉଛି ପୌରପାଳିକା । ଫଳରେ ସହରର ଗଳିକନ୍ଦିରେ ମାଳମାଳ କୁକୁର ବୁଲୁଥିଲେ ମଧ୍ୟ ବନ୍ଧ୍ୟାକରଣ ହୋଇ ପାରୁନାହିଁ । ସୂଚନାଯୋଗ୍ୟ ଯେ ଆଜି ଭୂଦାନନଗରର ବିକାଶ ସାହୁ ଓ ତାଙ୍କ ଦାଦା ହିମାଂଶୁ ଶେଖର ସାହୁ କୁକୁର କାମୁଡ଼ାରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି । ତେବେ କୁକୁରଟି ଘର ଅଗଣାରେ ଶୋଇ ରହିଥିବାରୁ ଆହତ ଦୁଇ ବ୍ୟକ୍ତି ନିଜ ଘରକୁ ନଫେରି ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରେ ରହିବାକୁ ବାଧ୍ୟ ହୋଇଥିଲେ । ବିକାଶଙ୍କ ମା' ସରୋଜିନୀ ସାହୁ ଡରରେ ଘର ବାହାରେ ପ୍ରାୟ ୪ ଘଣ୍ଟା ବିତାଇଥିଲେ । ସରୋଜିନୀଙ୍କ କହିବା ମୁତାବକ, କୁକରଟି ଆଜି ହଠାତ୍ ଏକ ବିଲେଇକୁ ଆକ୍ରମଣ କରିବାରୁ ବିକାଶ କୁକୁରଟିକୁ ଅଟକାଇଥିଲେ । ଏହି ରାଗରେ କୁକୁରଟି ବିକାଶଙ୍କୁ କାମୁଡ଼ି ଦେଇଥିଲା । ପରେ ସେଠାରେ ଥିବା ବିକାଶଙ୍କ ଦାଦାଙ୍କୁ ବି କାମୁଡ଼ି ଦେଇଥିଲା । ଆଉ ଏକ ବୁଲା କୁକୁରକୁ ମଧ୍ୟ ଆକ୍ରମଣ କରିଥିଲା । କୁକୁରର ଏଭଳି ହିଂସ୍ର ଆଚରଣ ଦେଖି ସରୋଜିନୀ ଡରରେ ଘର ବାହାରକୁ ଚାଲି ଯାଇଥିଲେ । କିନ୍ତୁ କୁକୁର ଘର ଅଗଣାରୁ ବାହାରକୁ ଆସିନଥିଲା । ସରୋଜିନୀ ନିଜେ ଭେଟେରିନାରି କାର୍ଯ୍ୟାଳୟ ଯାଇ ସେଠାରେ ଅନୁରୋଧ କରିବା ପରେ ଅପରାହ୍ଣରେ ଏକ ଟିମ୍ ଆସି ଉକ୍ତ କୁକୁରକୁ ଭେଟେରିନାରିକୁ ଆଣିଥିଲେ । କୁକୁର କାମୁଡ଼ାର ହିଂସ୍ରାତ୍ମକ ଚିତ୍ର କେବଳ ଉଦାହରଣ ମାତ୍ର । ପ୍ରତ୍ୟେକ ଦିନ କୁକୁରମାନଙ୍କ ଦୌରାତ୍ମ୍ୟର ଶିକାର ହେଉଛନ୍ତି ବାସିନ୍ଦାମାନେ । ସନ୍ଧ୍ୟା ହେବା ପରେ ଦଳବଳ ହୋଇ ବାଇକ୍‌କୁ ଗୋଡ଼ାଉଛନ୍ତି । ଫଳରେ ଅନେକ ବିକଳରେ ଗୋଡ଼ ଟେକି ଗାଡ଼ିର ବେଗ ବଢ଼ାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ବିଶେଷକରି ସଂଜ ନଇଁବା ପରେ କୁକୁରମାନେ ବେଶି ହିଂସ୍ର ହେଉଛନ୍ତି । ବାଟରେ ବାଇକ୍ ନେଇ ଯାତାୟାତ କରୁଥିବା ଲୋକଙ୍କୁ ପିଛା କରୁଛନ୍ତି । କେହି ବାଡ଼େଇବାକୁ ଉଦ୍ୟମ କଲେ କାମୁଡ଼ାର ଶିକାର ହେଉଛନ୍ତି । ପ୍ରତିଦିନ ୩୦ରୁ ଅଧିକ ବ୍ୟକ୍ତି କୁକୁର ଓ ମାଙ୍କଡ଼ କାମୁଡ଼ାରେ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

# ପ୍ରଶାସନ ଶୁଣିଲାନି : ଖେଳପଡ଼ିଆ ନିର୍ମାଣ କଲା ଯୁବକସଂଘ



ଘୁ.ଉଦୟଗିରି, ୧୬/୦୭ (ନି.ପ୍ର): ଗାଁ ପିଲାମାନଙ୍କ ପାଇଁ ଏକ ପରିତ୍ୟକ୍ତ ଖୋଲାଜାଗାକୁ ସଫା କରି ଖେଳିବା ଉପଯୋଗୀ ପଡ଼ିଆ କରିବାକୁ ବାରମ୍ବାର ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରି ମଧ୍ୟ କୌଣସି ସୁଫଳ ମିଳିଲାନି । ଶେଷରେ ନିଜସ୍ୱ ଉଦ୍ୟମରେ ଯୁବକ ସଂଘର ସଦସ୍ୟ ଖେଳପଡ଼ିଆ ତିଆରି ପାଇଁ ଅଣ୍ଟା ଭିଡ଼ିଲେ । କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ୍ କଳିଙ୍ଗା ପଞ୍ଚାୟତର ଯୁବକ ସଂଘର ଏଭଳି ପ୍ରୟାସ ଚର୍ଚ୍ଚାର ବିଷୟ ପାଲଟିଛି । କଳିଙ୍ଗା ପଞ୍ଚାୟତ ହେଉଛି ଏହି ବ୍ଲକ୍‌ର ସବୁଠାରୁ ବଡ଼ ପଞ୍ଚାୟତ । କିନ୍ତୁ ଏଠାରେ ଖେଳିବା ଲାଗି ପଡ଼ିଆର ଅଭାବ ଥିବା ନେଇ ପଞ୍ଚାୟତବାସୀ ବହୁବାର ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଥିଲେ । କଳିଙ୍ଗା ନୋଡାଲ୍ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପଛପଟେ ଥିବା ଏକ ପରିତ୍ୟକ୍ତ ପଡ଼ିଆକୁ ସଫା କରି ଖେଳ ଉପଯୋଗୀ ପଡ଼ିଆରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ପଡ଼ିଆ ନିର୍ମାଣ ପାଇଁ ରୂପରେଖ ପ୍ରସ୍ତୁତ ତ ଦୂରର କଥା, ଅଧିକାରୀମାନେ ପରିଦର୍ଶନ କରିବାକୁ ବି ଆସିଲେନି । ଶେଷରେ କଳିଙ୍ଗା ଯୁବକ ସଂଘର କର୍ମକର୍ତ୍ତାମାନେ ଏକାଠି ହୋଇ ଖେଳପଡ଼ିଆ ତିଆରି କରିବା ଲାଗି ନିଜେ ଯୋଜନା ପ୍ରସ୍ତୁତ କରିଥିଲେ । ଏଥିପାଇଁ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ଗଠନ ସହ ସମସ୍ତଙ୍କ ପରାମର୍ଶ ନିଆଯାଇଥିଲା । କଳିଙ୍ଗା ଅଞ୍ଚଳର ବହୁ ବଦାନ୍ୟ ବ୍ୟକ୍ତି ଓ ଅନ୍ୟ ଯୁବକମାନେ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଆର୍ଥିକ ସହାୟତା ବି ଯୋଗାଇଲେ । ଏହିକ୍ରମରେ କଳିଙ୍ଗା ଯୁବକ ସଂଘର ସଦସ୍ୟମାନେ ଏକାଠି ହୋଇ ସ୍କୁଲ୍ ପଛପଟ ପଡ଼ିଆକୁ ସଫା କରିଛନ୍ତି ।

# ଗୋଚରକୁ କବ୍‌ଜା କରୁଛନ୍ତି ମାଫିଆ : ପାଲଟିଲାଣି ମାଙ୍କଡ଼ାପଥର ଖଣି



ନିରାକାରପୁର, ୧୬/୦୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଟଙ୍ଗୀ ଅଞ୍ଚଳରେ ଗୋଚରକୁ ନେଇ ସଂକଟ ଦେଖାଯାଇଛି । ଅଧିକାଂଶ ଗୋଚର ଜମି ଏବେ ମାଫିଆଙ୍କ କବ୍ ?ଜାକୁ ଚାଲିଗଲାଣି । ଏପରିକି ଅନେକ ଗୋଚର ଜମିରେ ମାଙ୍କଡ଼ା ପଥର ଖଣି ଖୋଳାଯାଇଥିବା ଦେଖିବାକୁ ମିଳୁଛି । ଉଭୟ ଟାଙ୍ଗୀ ଓ ଖୋର୍ଦ୍ଧା ତହସିଲ ଅଧୀନରେ ଥିବା ଶହଶହ କାଜୁ ବଗିଚା ସମେତ ଗୋଚରଜମି ଏବେ ଖଣି ମାଫିଆଙ୍କ କବ୍‌ଜାରେ ରହିଛି । ବିଭାଗୀୟ ଉଦାସୀନତା ଯୋଗୁଁ ଏହି ଜମିଗୁଡ଼ିକ ମାଫିଆମାନଙ୍କ ହାତରେ ରହିଥିବାବେଳେ ଦୈନିକ ସରକାରଙ୍କର ବିପୁଳ ରାଜସ୍ୱହାନୀ ଘଟୁଛି । ସ୍ଥିତି ଏଭଳି ହେଲାଣି ଯେ ଗୋଚର ଜମିରେ ଏବେ ୫୦ରୁ ୬୦ ଫୁଟ୍‌ର ପୋଖରୀ ସୃଷ୍ଟି ହେଲାଣି । ଏଥିପାଇଁ ପରିବେଶ ନଷ୍ଟ ହେଉଥିବା ବେଳେ ପ୍ରଶାସନ ଆଖିରେ ଧୂଳିଦେଇ ମାଫିଆମାନେ ରାତିଅଧିଆ ପଥରକାଟି ସେମାନଙ୍କ ବେପାର ଚଳାଉଛନ୍ତି । ବେଳକୁ ବେଳ ମାଫିଆଙ୍କ ଉତ୍ପାତ ବଢ଼ିବା କାରଣରୁ ଗାଈଗୋରୁ ଚରିବା ପାଇଁ ଆଉ ଚାରଣଭୂମି ଖଣ୍ଡେ ମଧ୍ୟ ନାହିଁ । ଏହି ଖଣି ସୃଷ୍ଟି ହେବା କାରଣରୁ ଚରିବାକୁ ଯାଉଥିବା ଗାଈଗୋରୁ ଖୋଳା ଯାଇଥିବା ଖଣି ପୋଖରୀରେ ପଡ଼ି ମଧ୍ୟ ପ୍ରାଣ ହରାଉଛନ୍ତି । କେବଳ ଗୋଚର ଜମି ନୁହେଁ, ଚାଷ ଜମି ଉପରେ ମଧ୍ୟ ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ଅନେକ ଅନାବାଦୀ ଜମି ମଧ୍ୟ ପଥର ଖଣି ଯୋଗୁ ନଷ୍ଟ ହୋଇଗଲାଣି । ବିଗତ ଦିନରେ ସ୍ଥାନୀୟ ପାହାଡ଼ ଓ ଜଙ୍ଗଲରୁ ବହି ଆସୁଥିବା ବର୍ଷା ଜଳ ସ୍ଥାନୀୟ କୃଷି କାର୍ଯ୍ୟରେ ବେଶ ସହାୟକ ହେଉଥିଲା । ବର୍ଷା ଛାଡିଯିବା ପରେ ମଧ୍ୟ ନିଗିଡା ପାଣିରେ ଚାଷ କାର୍ଯ୍ୟ ଏକ ପ୍ରକାର ସମ୍ଭବ ହୋଇପାରୁଥିଲା । ହେଲେ ଏହା ଏବେ ଆଉ ସମ୍ଭବ ହୋଇପାରୁନାହିଁ । କାରଣ ଯେଉଁ ବାଟ ଦେଇ ଚାଷ ଜମିକୁ ପାଣି ଆସୁଥିଲା ତାହା ଏବେ ଜବରଦଖଲ ଯୋଗୁ ବନ୍ଦ ହୋଇଗଲାଣି ।

# ବାସୁଦେବପୁରରେ ୭୭ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ





ବାସୁଦେବପୁର, ୧୬/୦୮ (ନି.ପ୍ର): ବାସୁଦେବପୁର ପୌରପାଳିକା ପକ୍ଷରୁ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ ତମ ସ୍ୱାଧୀନତା ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଜାତୀୟ ପତାକା ଉତୋଳନ କରି ତାଙ୍କ ବକ୍ତବ୍ୟ ରେ କହିଲେ ଏ ମାଟି ଶହୀଦ ଓ ସଂଗ୍ରାମର ମାଟି । ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ବିପ୍ଲବ କବିତା ଓ ସଂଗୀତ ଜନସାଧାରଣ ଙ୍କ ମନରେ ଶିହରଣ ସୃଷ୍ଟି କରିଥିଲା । ଆମେ ଆଜିର ଦିନରେ ସମସ୍ତେ ଏକତ୍ର ହୋଇ ଭାରତ ମାତା ର ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ ପୌରପାଳିକାର ଅଧକ୍ଷା ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ପୌର ଉପାଧକ୍ଷ ଉତ୍ତମ ବାରିକ, ପ୍ରଧାନ ଶିକ୍ଷକ ପଦ୍ମ ଲୋଚନ ଦାଶ । ଶିକ୍ଷାବିତ ଦୁଃଶାସନ ରାଉତ ପ୍ୟାରେଡ କମାଣ୍ଡିଙ୍ଗ ସୂଚନା ଓ ମଞ୍ଚ ସଂଯୋଜନା କରିଥିଲେ । ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅଟଳବିହାରୀ କଲେଜ, ତୃପ୍ତି ମହିଳା ମହାବିଦ୍ୟାଳୟ, ଅଟଳବିହାରୀ ହାଇସ୍କୁଲ, ମୀରାକଲ ପବ୍ଲିକ ସ୍କୁଲ, ଫିନିକ୍ସ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶିଶୁ ବିହାର, ରାମକୃଷ୍ଣ ବିଦ୍ୟା ନିକେତନ, ବିବେକାନନ୍ଦ ଶିକ୍ଷକେନ୍ଦ୍ର, ରାଷ୍ଟ୍ରୀୟ ସ୍ୱୟଂ ସଂଘ ପ୍ରଭୃତି ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ପ୍ୟାରେଡ ରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ପିଲାମାନ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ନହଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ





ଖଇରା, ୧୬/୦୮ (ନି.ପ୍ର): ଖଇରା ବ୍ଲକର ନହଙ୍ଗ ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ଜାତୀୟ ସେବା ଯୋଜନାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ୯ତାରିଖରୁ ଆରମ୍ଭ ହୋଇ ୧୫ତାରିଖ ଦିନ ଉଦ୍‌ଯାପିତ ହୋଇ ଯାଇଛି । ଅଧକ୍ଷା ଅନିତାରାଣୀ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିରେ । କାର୍ଯ୍ୟକ୍ରମ ପରିଚାଳିକା ଅଳକାନନ୍ଦା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଦିନ ଧରି ବୃକ୍ଷରୋପଣ ସହ ପିଲାଙ୍କ ମଧ୍ୟରେ ଦେଶାତ୍ମବୋଧ ଜାଗ୍ରତ ଓ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଗଷ୍ଟ୧୫ ଶେଷ ଦିବସରେ ଅଧକ୍ଷାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଯବାନ ଶଶିକାନ୍ତ ଜେନା ଯୋଗ ଦେଇ ମାଟିକା ନମନ,ବିରୋଁକା ବନ୍ଦନ ବିଷୟ ଉପରେ ବକ୍ତବ୍ୟ ରଖି ମାଟି ଓ ଦେଶ ପାଇଁ ଉତ୍ସର୍ଗୀକୃତ ଭାବନା ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ଅଧ୍ୟାପକ ମାନେ ଦେଶର ରକ୍ଷା ପାଇଁ ମାଟିଛୁଇଁ ଶପଥ ନେଇଥିଲେ । ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ,ଅଳକାନନ୍ଦା ସାହୁ,ମମତାମୟୀ ପଣ୍ଡା,ରମା ଦାସ,ଅଧ୍ୟାପକ ବସନ୍ତ ସୂତାର ପ୍ରମୁଖ ଉପସ୍ଥିତ ଥିଲେ ।

## ଭୀମଡୁଙ୍ଗୁରୀ ପର୍ଯ୍ୟଟନ ସ୍ଥଳୀରେ ବନମହୋତ୍ସବ କାର୍ଯ୍ୟକ୍ରମ

ବଲାଙ୍ଗିର , ୧୬/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଂଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ପର୍ଯ୍ୟଟନ ସ୍ଥଳୀଠାରେ ୭୭ତମ ସ୍ୱାଧିନତା ଦିବସ ଅବସରରେ ଏକ ସାମୁହିକ ବୃକ୍ଷରୋପଣ (ବନମହୋତ୍ସବ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମକୁନ୍ଦପୁର ଗ୍ରାମପଂଚାୟତ ଓ ବନବିଭାଗର ମିଳିତ ଅନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପରିଷଦ ସଭାପତି ଶ୍ରୀମତୀ ଦେବକୀ ସାହୁ, ସମ୍ମାନୀତ ଅତିଥି ଭାବରେ ଭୀମପାହାଡ ମହୋତ୍ସବ କମିଟିର ଅଧକ୍ଷ ବରିଷ୍ଠନେତା ଲକ୍ଷ୍ମଣ କୁମାର ମେହେର, ଜିଲ୍ଲାପରିଷଦ ସଭ୍ୟା ସୁମତି ସେଠ, ମମତା କୁମୁରା, ମକୁନ୍ଦପୁର ସରପଂଚ ଜାନକୀ ସାହୁ, ସମିତିସଭ୍ୟ ଅଭିମନ୍ୟୁ ମାଝୀ,ଭୀମବୁଢା ମନ୍ଦିରର ପୂଜକ ସମାଜର ହଳଧର କୁଅଁର,ବଲାଙ୍ଗୀର ରେଞ୍ଜର କେଶବକିଶୋର ନାୟକ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଅତିଥିଗଣ ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀର ପ୍ରାକୃତିକ ପରିବେଶ ସୁରକ୍ଷା କରିବା, ପରିବେଶକୁ ପଲିଥିନମୁକ୍ତ କରିବା ଓ ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱଦେବାକୁ ଉପସ୍ଥିତ ଲୋକଙ୍କୁ କହିଥିଲେ । ଏହି ପର୍ଯ୍ୟଟନସ୍ଥଳୀରେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛନ୍ତି । ରାଜ୍ୟସରକାର ଏହି ପର୍ଯ୍ୟଟନସ୍ଥଳୀକୁ ଗୁରୁତ୍ୱ ମଧ ଦେଉଛନ୍ତି । ଜଙ୍ଗଲସୁରକ୍ଷା କମିଟି ଓ ବନବିଭାଗ ଜଙ୍ଗଲସୁରକ୍ଷା କରାଉଛନ୍ତି । ତେବେ ଏଠାରେ କିଛି ଫଳବୃକ୍ଷର ଆବଶ୍ୟକତା ରହିଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଫେବ୍ରୁଆରୀ ୧୪ରୁ ...

ସେହିପରି ଜାନୁୟାରୀ ପ୍ରଥମ ସପ୍ତାହରୁ ପ୍ରାକ୍ଟିକାଲ ପରୀକ୍ଷା ଓ ଫେବୃୟାରୀ ୧୪ରୁ ମାର୍ଚ୍ଚ ୧୩ତାରିଖ ପର୍ଯ୍ୟନ୍ତ ଥିଓରୀ ପରୀକ୍ଷା ହେବ । ଆଉ ପରୀକ୍ଷା ଫଳ ଏପ୍ରିଲ ଶେଷ ସପ୍ତାହ ଅବା ମେ' ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ଜାରି ବାର୍ଷିକ ଏକାଡେମିକ କ୍ୟାଲେଣ୍ଡରରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରିଷଦ ପକ୍ଷରୁ ସେପ୍ଟେମ୍ବରରୁ ଡିସେମ୍ବର ମାସ ମଧ୍ୟରେ ବିଭିନ୍ନ ପ୍ରକାରର କ୍ରୀଡ଼ା ଓ ଖେଳ କାର୍ଯ୍ୟକ୍ରମ ଶେଷ କରାଯିବ ।

## ଅଶାନ୍ତ ଭୁବନେଶ୍ୱର ...

ସେଣ୍ଟ୍ରାଲ ମାର୍କେଟ ଆସୋସିଏସନର କର୍ମକର୍ତ୍ତାମାନେ ସେମାନଙ୍କୁ ବିରୋଧ କରିଥିଲେ । ଏଠାରେ ଦୋକାନ ଖୋଲିପାରିବ ନାହିଁ ବୋଲି କହିଥିଲେ । ଯାହାକୁ ନେଇ ଉଠା ଦୋକାନୀ ଓ ସେଣ୍ଟ୍ରାଲ ମାର୍କେଟ ଆସୋସିଏସନର କର୍ମକର୍ତ୍ତାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରିକି ଉଭୟଙ୍କ ଭିତରେ ଠେଲାପେଲା ହୋଇଥିଲା । କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ମାର୍କେଟ ବିଲ୍‌ଡିଂ ଉଠା ଦୋକାନୀଙ୍କୁ ହଟାଇବା ପାଇଁ ପୂର୍ବରୁ ମୁହାଁମୁହିଁ ପରିସ୍ଥିତି ହୋଇଥିଲା । ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଏହା ପରେ ମାର୍କେଟ ବିଲ୍‌ଡିଂକୁ ବନ୍ଦ କରିଦେଇଥିଲା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) । ଦୀର୍ଘ ୧୫ ଦିନ ପରେ ବହୁ ବୁଝାସୁଝା ପରେ ମାର୍କେଟ ବିଲ୍‌ଡିଂ ଖୋଲିଥିଲା ।

## ଫସଲହାନି କାରଣରୁ ....

କିନ୍ତୁ ରାସ୍ତାରେ ହିଁ ଗେରଚନ୍ଦ୍ର ପ୍ରାଣ ହରାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏ ଘଟଣା ଖବର ପାଇ ଆଜି ମୋହନା ତହସିଲଦାର ହିମାଂଶୁ ଭୂଷଣ ପଲାଇ, ଅଡ଼ବା ଆରଆଇ ସାଗର ଦଳେଇ ଓ ଅଡ଼ବା ସରପଞ୍ଚ ସୁନେମୀ ଗମାଙ୍ଗ ପ୍ରମୁଖ ପହଞ୍ଚି ଗୌରଚନ୍ଦ୍ରଙ୍କ ଜମି ପରିମାଣ, ଋଣ ସ୍ଥିତି ବିଷୟରେ ତଦନ୍ତ କରିଥିଲେ । ଗେ ?ରଚନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ବେସାହାରା ପାଲଟିଛି । ଘରେ ପତ୍ନୀ କୁନିଙ୍କ ସମେତ ୩ ପୁଅ ଏବଂ ୧୩ ମାସର ଗୋଟିଏ ଝିଅ ଅଛନ୍ତି ।

## ବଦଳିବ ଅଦାଲତର ....

ସେତେବେଳେ ଲିଙ୍ଗଗତ ଧାରଣାକୁ ପ୍ରୋତ୍ସାହିତ କରୁଥିବା ଯୁକ୍ତି ବା ଭାଷାର ବ୍ୟବହାର ଅଦାଲତ ସମ୍ମୁଖରେ ବ୍ୟକ୍ତିବିଶେଷଙ୍କ ଅନନ୍ୟ ବୈଶିଷ୍ଟ୍ୟ, ସ୍ୱାଧୀନତା ଏବଂ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥାଏ ବୋଲି ପ୍ରଧାନ ବିଚାରପତି କହିଛନ୍ତି । ପ୍ରଚଳିତ ବିକଳ୍ପ ତାଲିକାରେ କୁହାଯାଇଛି ଯେ ଅଦାଲତର ରାୟରେ 'ଫାଗଟ' କିମ୍ବା 'ପତିତ ମହିଳା' କିମ୍ବା 'ହର୍ଲୋଟ ଭଳି ଶବ୍ଦକୁ ହଟାଇବା ଆବଶ୍ୟକ । ବରଂ ଏକ୍ଷେତ୍ରରେ, ବିଚାରପତିମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଯୌନ ଆଭିମୁଖ୍ୟକୁ ସଠିକ୍ ଭାବରେ ବର୍ଣ୍ଣନା କରିବା ଉଚିତ୍- ସମଲିଙ୍ଗୀ କିମ୍ବା ଦ୍ୱିଲିଙ୍ଗୀ, ମହିଳାଙ୍କ କ୍ଷେତ୍ରରେ ବ୍ୟବହାର କରିବା ଏବଂ 'ପତିତ ମହିଳା' ଏବଂ 'ହର୍ଲୋଟ' ଭଳି ଶବ୍ଦ ଠାରୁ ଦୂରେଇ ରହିବା ଉଚିତ୍ । ସେହିଭଳି 'କର୍ତ୍ତବ୍ୟନିଷ୍ଠ ପତ୍ନୀ' ଓ 'ଆଜ୍ଞାବାନ ପତ୍ନୀ' ଭଳି ଶବ୍ଦରୁ ଦୂରେଇ ରହିବା ଉଚିତ ବୋଲି ହ୍ୟାଣ୍ଡବୁକ୍‌ରେ ଉଲ୍ଲେଖ କରାଯାଇଛି । ଯୌନ ନିର୍ଯାତନା କିମ୍ବା ଦୁଷ୍କର୍ମ ମାମଲାରେ 'ରାଭିସଡ୍' ଭଳି ଶବ୍ଦର ବ୍ୟବହାରକୁ ମଧ ହ୍ୟାଣ୍ଡବୁକ୍‌ରେ ଲାଲ୍ ପତାକା ଦେଖାଯାଇଛି । ମହିଳାମାନେ ଅତ୍ୟଧିକ ଭାବପ୍ରବଣ ଏବଂ ନିର୍ଣ୍ଣାୟକ ହେବା, ଅବିବାହିତ ମହିଳାମାନେ ନିଷ୍ପତ୍ତି ନେବାରେ ଅସମର୍ଥ ହେବା ଏବଂ ସମସ୍ତ ମହିଳା ସନ୍ତାନ ଜନ୍ମ କରିବାକୁ ଚାହୁଁଥିବା ଭଳି ମହିଳାଙ୍କ ସହ ଜଡ଼ିତ ଅନେକ ଧାରଣାକୁ ମଧ ଏହି ହ୍ୟାଣ୍ଡବୁକ୍‌ରେ ଆଲୋଚନା କରାଯାଇଛି । ସୁପ୍ରିମ୍‌କୋର୍ଟ ୱେବସାଇଟରେ ଅପଲୋଡ୍ ହୋଇଥିବା ଏହି ହ୍ୟାଣ୍ଡବୁକରେ କୁହାଯାଇଛି ଯେ, ଭାରତୀୟ ନ୍ୟାୟପାଳିକାକୁ ସେମାନଙ୍କ ନିଷ୍ପତ୍ତିରେ ମହିଳାଙ୍କ ବିରୋଧରେ ଷ୍ଟେରିଓଟାଇପ୍ ଏବଂ ଷ୍ଟେରିଓଟାଇପ୍-କାର୍ଯ୍ୟକାରୀ ଭାଷାର ବ୍ୟବହାରକୁ ଚିହ୍ନଟ କରିବା ଏବଂ ହ୍ରାସ କରିବାରେ ସାହାଯ୍ୟ କରିବା ଏହି ଶବ୍ଦକୋଷର ଉଦ୍ଦେଶ୍ୟ ।

## ୧୮ରେ ସୃଷ୍ଟି ହେବ....

କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୮ ତାରିଖରେ ସମ୍ବଲପୁର, ସୋନପୁର, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ଅନୁଗୋଳ, ଗଞ୍ଜାମ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ବୌଦ୍ଧ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୯ ତାରିଖରେ ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ଇଣ୍ଡିଆ ମେଣ୍ଟରେ ....

୨୦୨୪ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସର ଦିଲ୍ଲୀ ୟୁନିଟ ପକ୍ଷରୁ ଆଜି ଗୋଟିଏ ବୈଠକ ବସିଥିଲା । ଦଳର ବରିଷ୍ଠ ନେତାମାନଙ୍କ ସହ ଦିଲ୍ଲୀ ୟୁନିଟର ନେତାମାନେ ନିଜର ପ୍ରସ୍ତୁତି ସମ୍ପର୍କରେ କଥା ହୋଇଥିଲେ । ଏହାପରେ ଅଳକା ଲାମ୍ବା କହିଛନ୍ତି ଯେ "ଦୀର୍ଘ ୩ ଘଣ୍ଟା ଧରି ଚାଲିଥିବା ବୈଠକରେ ରାହୁଲ ଗାନ୍ଧି, ମଲ୍ଲିକାର୍ଜୁନ ଖଡଗେ, କେସି ଭେନୁଗୋପାଲ ଓ ଦୀପକ ବାବାରିଆ ଉପସ୍ଥିତ ଥିଲେ । ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଆମକୁ ପ୍ରସ୍ତୁତ ହେବାକୁ କୁହାଯାଇଛି । ବୈଠକରେ ଏହା ନିଷ୍ପତ୍ତି ହୋଇଛି ଯେ ଆମକୁ ଦିଲ୍ଲୀର ସମସ୍ତ ୭ଟି ଯାକ ଲୋକସଭା ଆସନରେ ଲଢ଼ିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ । ନିର୍ବାଚନକୁ ଆଉ ୭ ମାସ ବାକି ଅଛି । ତେଣୁ ଦଳର ସବୁ କର୍ମକର୍ତ୍ତାଙ୍କୁ ଦିଲ୍ଲୀର ୭ଟି ଯାକ ଆସନ ପାଇଁ ପ୍ରସ୍ତୁତ ହେବାକୁ କୁହାଯାଇଛି ।" ବାସ ଅଳକା ଲାମ୍ବାଙ୍କ ଏପରି ବୟାନ ଉପରେ ଆପ୍ କଡ଼ା ପ୍ରତିକ୍ରିୟା ରଖିଛି । ଆପ୍‌ର ପ୍ରିୟଙ୍କା କାକର କହିଛନ୍ତି, "ଯଦି କଂଗ୍ରେସ ନିଷ୍ପତ୍ତି ନେଇ ସାରିଛି ଯେ ସେମାନେ ଆମ ସହ ମେଣ୍ଟ କରିବେ ନାହିଁ, ତା'ହେଲେ ଇଣ୍ଡିଆର ପରବର୍ତ୍ତୀ ବୈଠକରେ ଆମ ଯୋଗଦାନର ଆଉ କୌଣସି ମୂଲ୍ୟ ନାହିଁ । ଆମେ ବୈଠକରେ ଯୋଗ ଦେବକୁ କି ନାହିଁ, ତା'ର ନିଷ୍ପତ୍ତି ବରିଷ୍ଠ ନେତାମାନେ ନେବେ ।"

# ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାର ଶୁଭାରମ୍ଭ କଲେ ଜିଲ୍ଲାପାଳ



ବାରିପଦା: ଓଡିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା ଅନ୍ତର୍ଗତ ମାଧମିକ ବିଦ୍ୟାଳୟରେ ଅଧୟନରତ ନବମ ଓ ଦଶମ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ୟୁନିଫୋର୍ମ ପ୍ରଦାନ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଦ୍ୱାରା ରାଇରଙ୍ଗପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ମୋଟ ୫୭୦ଟି ସରକାରୀ ଓ ସାହାଯ୍ୟ ପ୍ରାପ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୨୯,୭୫୯ ଜଣ ଛାତ୍ର ଓ ୨୮,୪୯୨ ଜଣ ଛାତ୍ରୀ ମୋଟ ୫୮,୨୫୧ ଜଣ ଛାତ୍ରଛାତ୍ରୀଙ୍କୁ ୟୁନିଫୋର୍ମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ୟୁନିଫୋର୍ମ ଯୋଗାଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ବ୍ଲକସ୍ତରୀୟ କମିଟି ଦ୍ୱାରା ଚୟନ କରାଯାଇଥିବା ୪୨୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୯୮ଟି ମଧମ ଓ ଲଘୁ ଉଦ୍ୟୋଗକୁ ଜିଲ୍ଲା ସ୍ତରୀୟ କମିଟି ଦ୍ୱାରା ଅନୁମୋଦନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ରାଇରଙ୍ଗପୁର ଉପଜିଲ୍ଲାପାଳ ସରୋଜ କୁମାର ଦାଶ, ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗର ଚନ୍ଦ୍ର ମୁର୍ମୁ, ରାଇରଙ୍ଗପୁର ବ୍ଲକ ଶିକ୍ଷା ଅଧାକାରୀ ଭାଗୀରଥୀ ମହାନ୍ତି ଓ ମୟୂରଭଞ୍ଜ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଏହି ପୋଷାକ ବିତରଣ କାର୍ଯ୍ୟକ୍ରମକୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ମହାନ୍ତ ପରିଚାଳନା କରିଥିଲେ ।

# ପାରାଦୀପସ୍ଥିତ ଜେଏସଡବ୍ଲୁ କାର୍ଯ୍ୟାଳୟରେ ୭୭ ତମ ସ୍ୱାଧୀନତା ଦିବସ ପାଳିତ

ପାରାଦୀପ , ୧୬/୦୮ (ନି.ପ୍ର): ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ କାର୍ଯ୍ୟାଳୟ ପରିସରରେ ୭୭ ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି । ଜେ ଏସ ଡ ବ୍ଲୁ ଗ୍ରୁପର ସଭାପତି ତଥା ମାନବ ସମ୍ବଳ ମୁଖ୍ୟ ଦିଲିପ୍ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପ୍ରଣାମ ଜଣାଇଥିଲେ । ଏଥି ସହିତ ଜେ ଏସ ଡ ବ୍ଲୁ କମ୍ପାନୀର ଆଭିମୁଖ୍ୟ ଓ ଏହାର ଅଭିବୃଦ୍ଧି ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ କମ୍ପାନୀର ସୁରକ୍ଷା ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ସୁବୋଧ ସ୍ୱାଇଁ, ସୁଜିତ ଚୌଧୁରୀ , ଗୁଣଧର ସାହୁ, ବିନୋଦ ଚୌଧୁରୀଙ୍କ ସହିତ ବରିଷ୍ଠ ସୁରକ୍ଷା ଅଧିକାରୀ ରଜନୀକାନ୍ତ ପୁରୋହିତଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ଏହା ପରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀ ମାନଙ୍କ ପରିବାର ପକ୍ଷରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ସ୍ଥାନୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏନ୍ ପୁରୋହିତ,ଡି କେ ସିହ୍ନା ଙ୍କ ସମେତ ସମସ୍ତ ଅଧିକାରୀ,କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ ।





## ହାପି ହୋମ ସେବାଶ୍ରମରେ ସ୍ୱାଧୀନତା ଦିବସ ପାଳନ

ଚମ୍ପୁଆ, ୧୬/୦୮ (ନି.ପ୍ର): ଆଜି ମାନବ ପ୍ରେମୀ ସେବା ଟ୍ରଷ୍ଟ, ଚମକପୁର ଏବଂ ସ୍ମାଇଲ୍ ଟ୍ରଷ୍ଟ, କେନ୍ଦୁଝରଙ୍କ ମିଳିତ ସହଯୋଗରେ ହାପି ହୋମ୍ ସେବାଶ୍ରମ, ରାମଲା (ଚମ୍ପୁଆ) ଠାରେ '୭୭ ତମ ସ୍ୱାଧିନତା ଦିବସ' ଅତି ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି । ଏହି ଅବସରରେ ଚମ୍ପୁଆ ପ୍ରେସ୍ କ୍ଲବ୍ ର ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ପ୍ରଧାନ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅମର ଗାଥା ବର୍ଣ୍ଣନା କରିଥିଲେ ଏଥିରେ ତାଙ୍କୁ ମାନବ ପ୍ରେମୀ ସେବା ଟ୍ରଷ୍ଟ ର ଆଇନ ପରାମର୍ଶଦାତା ତଥା ଆଇନଜୀବୀ ସଞ୍ଜୟ କୁମାର ମହାନ୍ତ ସହଯୋଗ କରିଥିଲେ । ତତପଶ୍ଚାତ ସେଠାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେଠାରେ ରହୁଥିବା ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯିବା ସଙ୍ଗେସଙ୍ଗେ ମଧାହ୍ନ ଭୋଜନର ସୁ-ବ୍ୟବସ୍ଥା ମଧ କରାଯାଇଥିଲା ।

# ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

## ■ପିସି ସରକାର ପାଲଟିଛି ବିଜେଡ଼ି ସରକାର
## ■୧୮ରେ ବ୍ଲକ୍ ସମ୍ମୁଖରେ ଗଣଧାରଣା

ବାଲେଶ୍ୱର , ୧୬/୦୮ (ନି.ପ୍ର): ଓଡ଼ିଶାରେ ଶାସନ କରୁଥିବା ବିଜେଡ଼ି ସରକାରଏବେ ପିସି ସରକାରରେ ପରିଣତ ହୋଇଯାଇଛି । ଆଜି ଏକ ଖବରଦାତା ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଅଭିଯୋଗ କରିଛନ୍ତି । ସବୁସ୍ତରରେ ଅଫିସରମାନେ ପର୍ସେଂଟେଜ୍ ନେଉଥିବାରୁ ରାଜ୍ୟରେ ଦୁର୍ନୀତି ହାର ବଢ଼ିବଢ଼ି ଚାଲିଛି । ତେଣୁ ଏହାକୁ କଂଗ୍ରେସ ବିରୋଧ କରୁଛି । ଏହି ପରିପ୍ରେକ୍ଷୀରେ ଆଗାମୀ ୧୮ ତାରିଖ ଶୁକ୍ରବାର ଓଡ଼ିଶାର ସମସ୍ତ ବ୍ଲକ୍ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ ଓ ଗଣଧାରଣା କରାଯିବ । ବାଲେଶ୍ୱର ସଦର ବ୍ଲକ୍ ସମ୍ମୁଖରେ ମଧ ଧାରଣା ଦିଆଯିବ । ପରେ ବିଡ଼ିଓଙ୍କ ମାଧମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇ ତୁରନ୍ତ ପର୍ସେଂଟେଜ୍ କାରବାର ବନ୍ଦ କରିବାକୁ ଦଳ ଦାବି କରିବ । ଶ୍ରୀ ଗିରି କହିଥିଲେ କି, ଦୀର୍ଘ ୨୪ବର୍ଷ ଧରି ଶାସନ କରୁଥିବା ବିଜେଡ଼ି ସରକାରରେ ୫୦% ପିସି ନିଆଯାଉଛି । ଜନସାଧାରଣଙ୍କ ମିଥ୍ୟା ପ୍ରତିଶ୍ରୁତି ଦେଇ କଂଗ୍ରେସ ସରକାର କରିଥିବା ଜନହିତକର କାର୍ଯ୍ୟକୁ ନିଜ ନାଁରେ କରି ବିଜ୍ଞାପନ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ରାଜ୍ୟର ଲୋକଙ୍କୁ ଭୁଆଁ ବନେଇବାକୁ ହୀନ ଉଦ୍ୟମ କରୁଛନ୍ତି । ସମସ୍ତ ବ୍ଲକ୍, ଡିଆରଡିଏ, ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ଲାଇନ୍ ଅଫିସଗୁଡ଼ିକରେ ବେଧଡ଼କ ଭାବେ ୨୦ରୁ ୫୦% ପର୍ଯ୍ୟନ୍ତ ପିସି କାରବାର ଚାଲିଛି । ଏପରିକି ଥାନା, ଡାକ୍ତରଖାନାରେ ମଧ ଲାଂଚ ନଦେଲେ କାମ ହେଉନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ବାର୍ଦ୍ଧକ୍ୟଭତା ପର୍ଯ୍ୟନ୍ତ ସବୁ ଯୋଜନାରେ ଡିଆରଏସ୍, ରାଜସ୍ୱ ନିରୀକ୍ଷକମାନେ ଲାଂଚ ନେଉଛନ୍ତି । ବିଜେଡ଼ି ସରକାର ନିଜ ନାମ ପ୍ରଚାର କରିବାପାଇଁ 'ନବୀନ ଓଡ଼ିଶା'ର ସ୍ଲୋଗାନ୍ ଦେଇ ଆଗକୁ ନିର୍ବାଚନୀ ବୈତରଣୀ ପାରି ହେବାକୁ ମସୁଧା କରୁଛନ୍ତି । ନିଜ କର୍ମୀଙ୍କ ପକେଟ୍ ଗରମ କରିବାପାଇଁ ମଧ ବିନା ଗ୍ରାମସଭାରେ ଓ ବିନା ଗ୍ରାମ ପଂଚାୟତର ହସ୍ତକ୍ଷେପରେ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତ୍ୟେକ ପଂଚାୟତକୁ ସରକାର ଘୋଷଣା କରିଛନ୍ତି । ସେହିପରି ଦରବୃଦ୍ଧି ଏବେ ୨୦୦% ହୋଇଥିବାବେଳେ ସରକାର ତା' ଉପରେ ନିରବତା ଅବଲମ୍ବନ କରୁଛନ୍ତି । ନବୀନ ପଟ୍ଟନାୟକ ଓଡ଼ିଶାର ସାଢ଼େ ଚାରିକୋଟି ଲୋକଙ୍କର ନେତା ବୋଲି କହୁଥିବାବେଳେ ମୋଦି ସରକାରଙ୍କ ସମସ୍ତ ଅଗଣତାନ୍ତ୍ରିକ ବିଲ୍ ଗୁଡ଼ିକୁ ସଂସଦରେ ସମର୍ଥନ କରି ବିଜେପି ଓ ବିଜେଡ଼ି ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ବୋଲି ପ୍ରମାଣିତ କରିଛନ୍ତି । ମା'କୁ ସମ୍ମାନ ଓ ଗାଁକୁ କାମ ସ୍ଲୋଗାନ୍ ଦେଉଥିବା ବିଜେଡ଼ି ଓ ମୋଦି ସରକାର ମଣିପୁର ଘଟଣାରେ ନିରବତା ଅବଲମ୍ବନ କରିବା ଲୋକଙ୍କୁ ଦୁଃଖ ଦେବାସହ ବିଜେଡ଼ିର ଅସଲ ମୁଖାକୁ ପଦାରେ ପକାଇ ଦେଇଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ଜିଲ୍ଲା ଯୁବକଂଗ୍ରେସ ସଭାପତି ରଞ୍ଜନ ଦାସ ଓ ଶ୍ରମିକ ନେତା ବିକାଶ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବାଲିଅନ୍ତା ପ୍ରେସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ବାଳକାଟି, ୧୬/୦୮ (ନି.ପ୍ର): ବାଲିଅନ୍ତା ପ୍ରେସ କ୍ଲବ ପକ୍ଷରୁ କମିସନରେଟ ପୁଲିସର ସହଭାଗିତାରେ ଏବଂ ପ୍ରତାପଶାସନ ଡିଗ୍ରୀ କଲେଜର ସମସ୍ତ ଛାତ୍ରଛାତ୍ରୀ ପୂର୍ଣ୍ଣ ସହଯୋଗରେ ୭୭ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । କ୍ଲବର ସଭାପତି ସୋମନାଥ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିଥିଭାବେ ସ୍ଥାନୀୟ ବିଧାୟକ ଡ଼. ଅରବିନ୍ଦ ଢ଼ାଳି, ବାଲିଅନ୍ତା ତହସିଲର ପୂର୍ବତନ ତହସିଲଦାର ତଥା ପଛୁଆ ବର୍ଗ ଓ ଅନୁସୂଚିତ ଜାତି ଓ ଜନଜାତୀ ଉପ-ନିର୍ଦ୍ଦେଶକ ସରୋଜ କୁମାର ପଣ୍ଡା, ଚଳଚିତ୍ର ସଂଳାପ ଲେଖକ ଡ଼. ରଜନୀ ରଞ୍ଜନ ଦାଶ, ମାର୍କଫେଡ଼ର ଅଧକ୍ଷା ସୁଶ୍ରୀ କବିତା ମଞ୍ଜରୀ ପରିଡା, ବିଜେଡି ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ସସ୍ମିତା ଦାସ, ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ବିଭୁତି ଭୂଷଣ କର, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ତନ୍ମୟ ତ୍ରିପାଠୀ, ସମାଜସେବୀ ବେଣୁଧର ଭୋଇ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ସାମାଜିକ କର୍ମୀ ସତ୍ୟପ୍ରିୟ ବେହେରା, ସୁବ୍ରତ ମହାନ୍ତି, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଦିଲ୍ଲିପ କୁମାର ଓଝା, ଧଉଳି ପଞ୍ଚାୟତ ସରପଞ୍ଚ ଚନ୍ଦନ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ରାନାରାଣୀ ବେହେରା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ପ୍ରତାପଶାସନ ଡିଗ୍ରୀ କଲେଜର ଅଧକ୍ଷ ଡ଼. କାଳନ୍ଦୀ ଚରଣ ସାହୁ, ଯୁବନେତା ପ୍ରଦୀପ୍ତ କୁମାର ମହାନ୍ତି, ସମାଜସେବୀ ଇଂ. ରୁଦ୍ର ପ୍ରସାଦ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ ଭଳି ଏକ ମହତ କାର୍ଯ୍ୟକ୍ରମକୁ ଆୟୋଜିତ କରିଥିବା ଆୟୋଜକଙ୍କୁ ଉଚ୍ଚ ପ୍ରଂଶସା କରିଥିଲେ । ଏଥିରେ ମୋଟ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ କଟକ ସ୍ଥିତ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଦାନ କେନ୍ଦ୍ର ସଂଗ୍ରହ କରିଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରେସ କ୍ଲବର ସମ୍ପାଦକ ମନୋଜ କୁମାର ମଣ୍ଡଳ, ଉପସଭାପତି କିଶୋର ଚନ୍ଦ୍ର ନାୟକ, ସହ ସମ୍ପାଦକ ସୂର୍ଯ୍ୟକାନ୍ତ ଭୋଳ, ନବକିଶୋର ନାୟକ, ପ୍ରଭାତେଂଶୁ ସାମନ୍ତରାୟ, ସଞ୍ଜିବ ରଞ୍ଜନ ଦାଶ, ସନାତନ ଦଳବେହେରା, ରୂପକ ପଟ୍ଟନାୟକ, ଗୋବର୍ଦ୍ଧନ ଦାସ, ବାସୁଦେବ ସାହୁ, ଷଷ୍ଠୀପ୍ରସାଦ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ 'ବର୍ଷା ପବ୍ଲିକେଶନ' ଦ୍ୱାରା ପ୍ରକାଶିତ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କ କବିତା ପୁସ୍ତକ 'କିଛି କଥା କହିହୁଏ ଆଉ କିଛି ବାକି ରହେ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ।

# ଯୋଗକେନ୍ଦ୍ରରେ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୬/୦୮ (ନି.ପ୍ର): ବାଲେଶ୍ୱର ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳୀ ମନ୍ଦିର ପରିସରରେ ଯୋଗ ମହୋତ୍ସବ ସମିତିର ଯୋଗ କେନ୍ଦ୍ରରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରଭାତରେ ଯୋଗ ସମିତିର ସଭାପତି ସୁଜିତ୍ କୁମାର ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ଏ ବର୍ଷର ସ୍ୱାଧୀନତା ଦିବସର ସ୍ଲୋଗାନ ଜାତୀୟତା ପ୍ରଥମ ଓ ଶ୍ରେଷ୍ଠ ଉପରେ ବକ୍ତବ୍ୟ ରଖିଥିଲେ। ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମିନା ସେଠୀ ସ୍ୱାଧୀନ ଭାରତ ବିଷୟରେ ବକ୍ତବ୍ୟ ରଖିଥିଲେ। ଧ୍ୱନି ପ୍ରତିଧ୍ୱନିର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ା, ପ୍ରଫେସର ଜୟସ୍ମିତା ଦାସ, ପ୍ରଫେସର ଚିତ୍ତରଂଜନ ଦାସ, ବୟୋଜ୍ୟେଷ୍ଠ ନାରାୟଣ ପାତ୍ର, ବୟୋଜ୍ୟେଷ୍ଠ ମନ୍ଦାକିନୀ ଦାସ, ଗୀତାଞ୍ଜଳୀ ପଣ୍ଡା, ରୀନା ରାଉତ, ସ୍ନେହଲତା ଦାସ, ମାୟା ସରାଓ୍ୱଗୀ, ବିଜୟଲକ୍ଷ୍ମୀ ରାଉଳ, ତୃପ୍ତି ପୋଥାଳ, ବ୍ୟାସଦେବ ରାଉତ, ଭାଗବତ ପଣ୍ଡା, ଏଡଭୋକେଟ ଅମରେନ୍ଦ୍ର ଦାସ, ଫନୀଭୂଷଣ ଜେନା, ସୁକାନ୍ତ ରାଉଳ, ସଂଜୟ ଶତପଥୀ, ସୂର୍ଯ୍ୟ ପୋଥାଳ ଓ ଶରତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦେଶ ମାତୃକାର ପୂଜନ ବନ୍ଦନ କରିଥିଲେ। ଶେଷରେ ସମସ୍ତେ ଆନନ୍ଦ ମନରେ ଦେଶଭକ୍ତିର ଗୀତ ବୋଲିଥିଲେ ଓ ଯୋଗାଭ୍ୟାସ କରିଥିଲେ।

# ଶିଶିର ମହାପାତ୍ର ଫାଉଣ୍ଡେସନ ଆନୁକୂଲ୍ୟରେ ବିଶାଳ ରକ୍ତଦାନ ଶିବିର

ନୀଳଗିରି , ୧୬/୦୮ (ନି.ପ୍ର): ୭୭ତମ ସ୍ୱାଧୀନତା ଦିବସ ଅବସରରେ ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶିର ମହାପାତ୍ର ଫାଉଣ୍ଡେସନ ତରଫରୁ ବିଶାଳ ରକ୍ତଦାନ ଶିବିର ଫାଉଣ୍ଡେସର କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଶିବିରକୁ ଉଦ୍ଘାଟନ କରିଥିବା ବେଳେ ଫାଉଣ୍ଡେସନର ମୁଖ୍ୟ ସବ୍ୟସାଚୀ ମହାପାତ୍ର ଏବଂ ତାଙ୍କ ସହଯୋଗୀ ପରିଚାଳନା କରିଥିଲେ। ବିଜେଡି ରାଜ୍ୟ ମହିଳା ଉପସଭାପତି ସୁନିତି ସିଂ ଉପସ୍ଥିତ ରହି ସମାଜଧର୍ମୀ କାର୍ଯ୍ୟ କରୁଥିବା ଫାଉଣ୍ଡେସନର କର୍ମକର୍ତ୍ତା ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବରେ, ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର,ନୀଳଗିରି ବ୍ଲକ୍ ବିଜେଡି ସଭାପତି ବିଜୟ କୁମାର ଲେଙ୍କା, ସମାଜସେବୀ ଯୁବନେତା ଉଦୟଜ୍ୟୋତି ମହାନ୍ତି, ବୁଦ୍ଧଦେବ ସରକାର, ବିଦ୍ୟାଧର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ତ୍ରିନାଥ ପାଲ ରକ୍ତଦାତାଙ୍କ ପରୀକ୍ଷା କରିଥିବା ବେଳେ ନୀଳଗିରି ଉପଖଣ୍ଡ ରକ୍ତଭଣ୍ଡାର ବିଭାଗର ଟେକ୍ନି ସିଆନ ସରୋଜ ପଣ୍ଡା, ସଂଗ୍ରାମଜ୍ୟୋତି ମହାନ୍ତି, ଗତୀକୃଷ୍ଣ ମହାପାତ୍ର, ରାଜେଶ ଦାସ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ୭୭ ତମ ସ୍ୱାଧୀନତା ଦିବସ ପାଳନ



ଲଙ୍ଗଳେଶ୍ୱର , ୧୬/୦୮ (ନି.ପ୍ର): ଲଙ୍ଗଳେଶ୍ୱର ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କର ୭୭ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବଣିଆଡିହା ପଞ୍ଚାୟତର ରାଇପୁର ରେ ଗଦାଧର ପତି ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ବିଶାଳ ସାଧାରଣ ସଭା ରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଜେନା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଥିବା ବେଳେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଏହି ସଭାରେ ଯୁବ ସମାଜସେବୀ ବିଷ୍ଣୁପଦ ପତି ସଭାପତିତ୍ୱ କରିଥିଲେ। ସେହିପରି ବଣିଆଡିହା ପଞ୍ଚାୟତ ଅଫିସ୍ ରେ ସରପଞ୍ଚ କାଳିଚରଣ ଜେନା, ବୋଳଂ ପଞ୍ଚାୟତ ଅଫିସ୍ ରେ ସରପଞ୍ଚ ଜ୍ୟୋତ୍ସ୍ନା ରାଣୀ ମଲ୍ଲିକ, ଜମ୍ବିରାଇ ପଞ୍ଚାୟତ ଅଫିସ୍ ରେ ସରପଞ୍ଚ ନିଲୁ ବାଲା ବେହେରା, ବାଲିକୁଟି ପଞ୍ଚାୟତ ଅଫିସ୍ ସରପଞ୍ଚ ଯଶୋଦା ମଣି ଧଳ,ସାଉଡି ପଞ୍ଚାୟତ ଅଫିସ୍ ରେ ସରପଞ୍ଚ ଧରଣୀ ଧର ମଲ୍ଲିକ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିଂଲା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ, ଲଙ୍ଗଳେଶ୍ୱର ଠାରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏଥିରେ ଶିକ୍ଷାବିତ ଅନିରୁଦ୍ଧ ମଣ୍ଡଳ, ଅମୂଲ୍ୟ ଘଡାଇ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷା ଅନୁପରିଦର୍ଶକ ନିତ୍ୟାନନ୍ଦ ଦାସ ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଲଙ୍ଗଳେଶ୍ୱର ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏଥିରେ ସମାଜସେବୀ ରବିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ବିଜେପି ନେତା ମହେଶ୍ୱର ଦାସ ସଭାପତିତ୍ୱ କରିଥିଲେ। ସରକାରୀ ଓ ବେସରକାରୀ ସ୍କୁଲ ମାନଙ୍କରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ଚନ୍ଦ୍ରଶେଖରପୁରରେ ନିଶା ନିବାରଣ ସଚେତନତା ଅଭିଯାନ

ଚମ୍ପୁଆ, ୧୬/୦୮ (ନି.ପ୍ର): ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖର ପୁର ପଂଚାୟତ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଗ୍ରାମ ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କ ଦ୍ୱାରା ନିଶା ନିବାରଣ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚନ୍ଦ୍ରଶେଖର ପୁର ଗ୍ରାମ ପଂଚାୟତ ର ସରପଂଚ ଜଇମଣୀ ନାୟକ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମୁଣ୍ଡା, ନାଏବ ସରପଂଚ ରଶ୍ମୀରେଖା ମହାନ୍ତ ପ୍ରମୁଖ ଯୋଗ ଦେଇ ପଂଚାୟତ କାର୍ଯ୍ୟାଳୟ ରୁ ମହିଳା ସଦସ୍ୟ ମାନଙ୍କ ସହିତ ସାମିଲ ହୋଇ ପଦଯାତ୍ରା ଶୋଭାଯାତ୍ରାରେ ସିଲିପୁଞ୍ଜି ଛକ ବଜାର ଦେଇ ଚନ୍ଦ୍ରଶେଖରପୁର ( ଜାମୁଣ୍ଡି ) ଗ୍ରାମ ପରିକ୍ରମା କରି ନିଶା ବିରୋଧୀ ସ୍ଲୋଗାନ ଦେଇ ଗ୍ରାମବାସୀ ଜନ ସାଧାରଣଙ୍କୁ ସଚେତନ କରିଥିଲେ । ସଚେତନତା ଅଭିଯାନ ର ଆବାହକ ଯୁବ ସମାଜସେବୀ ଦିବାକର ମହାନ୍ତ, ସମାଜସେବୀ, ସଂଗଠକ ମୋହନ ନାୟକ ଙ୍କ ସହିତ ଭଦ୍ରବ୍ୟକ୍ତି କୈଳାସ ଚନ୍ଦ୍ର ନାଏକ, ଭାରତ ଚନ୍ଦ୍ର ମହାନ୍ତ, ବୈରାଗୀ ଚନ୍ଦ୍ର ନାଏକ, ପ୍ରଶାନ୍ତ ମହାନ୍ତ, ଗ୍ରାମ ର ୱାର୍ଡ଼ ମେମ୍ବର ପ୍ରମୁଖ ସାମିଲ ହୋଇ ଥିଲେ ।

# ସମାଜକଲ୍ୟାଣ ବିକାଶ ପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ଜଳେଶ୍ୱର , ୧୬/୦୮ (ନି.ପ୍ର): ଜଳେଶ୍ୱର ସ୍ଥିତ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ୭୭ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । ପରିଷଦର ଚେୟାରମ୍ୟାନ ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ପତାକା ଉତ୍ତୋଳନ କରି ନାଗରିକ ମାନେ ସଚେତନତା ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ହାଇକୋର୍ଟର ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ସତ୍ୟସୁନ୍ଦର ଦାସ, ପୂର୍ବତନ କଲେଜ ଅଧ୍ୟକ୍ଷ ରମାକାନ୍ତ ଭଂଜ, ଜିତାରାମ ଦେ, ଡ. ଅଜିତ୍ ମହାନ୍ତି, ପୂର୍ବତନ ପ୍ରଶାସନୀକ ଅଧିକାରୀ ଶରତ ପରିଡା, ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ବନମାଳି ଧଳ, ସିଦ୍ଧେଶ୍ୱର ପଣ୍ଡା, ଇଂ ରାମଚନ୍ଦ୍ର ସାହୁ, ମଧୁଛନ୍ଦା ମହାନ୍ତି, ବିନୋଦ ମହାନ୍ତି, ଆଦିତ୍ୟ ନାରାୟଣ ପାତ୍ର, ଅବନୀ ଚାନ୍ଦ, ମୂରଲୀ ପ୍ରଧାନ, ନବୀନ ଜେନା, ରବିନ୍ଦ୍ର ପାତ୍ର, ସତ୍ୟନାରାୟଣ ଦାସ, ଶତୃଘ୍ନ ରାଉଳ, ରବି ନନ୍ଦୀ, ଗୌରଗୋପାଳ ସେନ୍, ଦୁର୍ଗାଶଂକର ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବସ୍ତାରେ ଅଚାନକ ମୁଷଳ ବର୍ଷା ଏବଂ ବଜ୍ରାଘାତରେ ୪ ମୃତ ୫ ଗୁରୁତର

ବସ୍ତା , ୧୬/୦୮ (ନି.ପ୍ର): ବସ୍ତା ଏବଂ ଏହାର ଆଖପାଖ ଅଞ୍ଚଳରେ ଅପରାହ୍ନ ପ୍ରାୟ ୪ଟା ସମୟରେ ହଠାତ୍ ଘଡ଼ ଘଡି ସହ ଜୋର୍ ବର୍ଷା ଆରମ୍ଭ ହୋଇଥିଲା । ବଜ୍ରପାତ ଏତେ ଜୋର୍ ଥିଲା ଯେ ବିଲରେ ତଳି ରୋଉଥିବା ଚାଷୀ ବଜ୍ରାଘାତ ର ଶିକାର ହୋଇଥିଲେ। ଏଥିରେ ୪ ଜଣକ ର ମୃତ୍ୟ ହୋଇଥିବା ବେଳେ ଅନ୍ୟ ୫ଜଣଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁସାରେ ହଠାତ୍ ବର୍ଷା ଯୋଗୁଁ ୧୦ -୧ ୫ଜଣ ସ୍ଥାନୀୟ କାଶୀମିଳି ଅଞ୍ଚଳ ରେ ଏକ ଗଛ ମୂଳରେ ଆଶ୍ରୟ ନେଇ ଥିଲେ। ଅଚାନକ ସେହି ଠାରେ ବଜ୍ରାଘାତ ହେବାରୁ ୨ ଜଣ ଙ୍କ ର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ପାଞ୍ଚ ଜଣ ଗୁରୁତର ହୋଇଥିଲେ। ସମସ୍ତ ଙ୍କୁ ବସ୍ତା ଡ଼ାକ୍ତରଖାନାକୁ ଅଣାଯାଇଥିଲା। ତେବେ ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଅନ୍ୟ ୫ ଜଣଙ୍କୁ ବାଲେଶ୍ୱର ମୁଖ୍ୟ ଡ଼ାକ୍ତରଖାନା କୁ ସ୍ଥାନାନ୍ତରିତ କରାଯାଇଥିଲା। ମୃତକ ମାନେ ହେଲେ ସ୍ଥାନୀୟ ମହାଦେବ ସରାଇ ଅଞ୍ଚଳେ କାହ୍ନୁ ମୁର୍ମୁ (୧୫) ଏବଂ ବିକାଶ ବିନ୍ଧାଣି (୩୫)। ଅନ୍ୟ ଗୁରୁତମାନଙ୍କ ମଧରେ ମହାଦେବ ସରାଇ ର ନିମାଇ ମାଝୀ, ଲକ୍ଷ୍ମଣ ମର୍ମୁ, ସୂର୍ଯ୍ୟ ସୋରେନ ତଥା ମାଛିଆ ଅଞ୍ଚଳର ଲବ ସୋରେନ ଏବଂ ବୁଲା ସୋରେନ। ସମସ୍ତେ ଗଛମୂଳରେ ଆଶ୍ରୟ ନେଇଥିଲେ। ଅନ୍ୟ ଜଣେ ମୃତକ ହେଲେ ବସ୍ତା ବ୍ଲକ ଅନ୍ତର୍ଗତ ପଣସାପଡା ଅଂଚଳର ମକରାନନ୍ଦ ବେହେରା(୪୭) । ସେ କୌଣସି କାମରେ ନିଜ ଘର ଛାତ ଉପରକୁ ଯାଇଥିଲେ। ଅନ୍ୟ ଜଣେ ମୃତକ ବେଲଗାଁ ରାଜଘାଟ ଅଞ୍ଚଳ ର ଶମ୍ଭୁନାଥ ସାହୁ। । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ବସ୍ତା ଡାକ୍ତରଖାନା ଆସୁଥିବା ଜଣାଯାଇଛି।

# ଚାଷୀ ପଂଜୀକରଣ ଅବଧି ୨୨ ତାରିଖ ଯାଏଁ ବଢ଼ିଲା

ଭୁବନେଶ୍ୱର, ୧୬/୦୮ (ନି.ପ୍ର): ଖରିଫ ଧାନ ବିକ୍ରୀ ପାଇଁ ଚାଷୀମାନଙ୍କ ପଂଜୀକରଣ ଅବଧିକୁ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ପୂର୍ବରୁ ପଂଜୀକରଣର ଅବଧି୧୬ ତାରିଖ ଥିଲା। ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ କୋଅପରେଟିଭ୍ ସୋସାଇଟିର ରିଜିଷ୍ଟ୍ରାରମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହାସହ ସୋସାଇଟି ପକ୍ଷରୁ ଫର୍ମ ଡିଜିଟାଇଜେସନ୍ କରିବାର ଅବଧିକୁ ମଧ୍ୟ ୨୮ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାସହ ୩୦ ସେପ୍ଟେମ୍ବର ପୂର୍ବରୁ ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀରର ୭୭ ତମ ସ୍ୱାଧୀନତା ଦବିସ ପାଳନ



ପାରାଦୀପ , ୧୬/୦୮ (ନି.ପ୍ର): ପାରାଦୀପ ରିଫାଇନାରୀରେ ୭୭ ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହ ସହତି ପାଳନ କରାଯାଇଥିଲା। ଏହି ଅବସରରର ପାରାଦୀପ ରିଫାଇନାରୀରର କାଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନାରୀର ପ୍ରମୁଖ ଶ୍ରୀ ମୁକେଶ ମୋହନ, କର୍ପୋରେଟ ଅଫିସ ଏବଂ ଇଣ୍ଡିଆନଏଲର ସମସ୍ତ ୟୁନିଟ ସହତି ଏକଯୁକ୍ତ ହୋଇ ପାରାଦୀପ ରିଫାଇନାରୀ ଟାଉନସିପର ନେତାଜୀ ସଭାଷ୍ଟ ଚନ୍ଦ୍ର ବୋଷ ଷ୍ଟାଡୟିମରେ ଜାତୀୟ ପତାକାକୁ ଉତୋଳନ କରିଥିଲେ । ସମସ୍ତ ଇଣ୍ଡିଆନ୍ ଅଏଲ୍ ପରିବାର ସହତି ମିଳତି ଭାବରରେ ପାରାଦୀପ ରିଫାଇନାରୀରର ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୁକେଶ ମୋହନ ନେତା ତଥା ସ୍ୱାଧୀନତା ସଂଗ୍ରାମୀ, ଯୋଦ୍ଧାମାନେ ଆମ ଦେଶ ପାଇଁ ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସୁଯୋଗ୍ୟ ସନ୍ତାନ ମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେ ଆହୁରି ମଧ କହି ଛନ୍ତି ପାରାଦୀପ ରିଫାଇନାରୀର ଏହି ଅଞ୍ଚଳର ଅନ୍ତଭୁକ୍ତ ଅଭିବୃଦ୍ଧି ଉପରରେ ସମ୍ପୂର୍ଣ ଧ୍ୟାନ ଦେଇଛି ଏବଂ PXPTA, FQUP, Paradip Petrochemical complex ଭଳି ନୂତନ ପ୍ରକଳ୍ପଗଡକୁ ଓଡିସାର ଶକ୍ତି ଅଭିବୃଦ୍ଧି କାହାଣୀରର ଏକ ନୂଆ ପଥ ଆଙ୍କିବ । ଏହି ଅବସରରର ଶ୍ରୀ ମୁକେଶ ମୋହନ ନକିଟ ନିକଟବର୍ତ୍ତ ଅଞ୍ଚଳରର ବ୍ୟବହାର ପାଇଁ ୫ ଟି ଇ-ରିକ୍ସା ପ୍ରଦାନ କରିଥିଲେ ଯାହା ପାରାଦୀପରେ ପ୍ରଦୂଷଣକୁ ହ୍ରାସ କରିବା ସହିତ ସ୍ଥାନୀୟ ବେକାର ଯୁବକମାନଙ୍କୁ ବିକଳ୍ପ ନିଯୁକ୍ତି ପ୍ରଦାନ କରିବ । ଡିପିଏସ୍ ପାରାଦୀପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜତି ସାଂସ୍କତିକ ପ୍ରଦର୍ଶନୀ ସହତି ସ୍ୱାଧୀନତା ଦିବସର କାଯ୍ୟକ୍ରମ ସମାପ୍ତ କରାଯାଇଥିଲା।

# ଉପଖଣ୍ଡସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳିତ



ନୀଳଗିରି , ୧୬/୦୮ (ନି.ପ୍ର): ନୀଳଗିରି ଉପଖଣ୍ଡ ସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ସମାରୋହ ୨୦୨୩ଖୁବ୍ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ନୀଳଗିରି ଥାନା ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିବାପରେ ବିଭିନ୍ନ ସରକାରୀ , ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ବିଭିନ୍ନ ଗଣସଂଗଠନ ମାନଙ୍କର ମୋଟ ୩୭ଗୋଟିଦଳର ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ସଭା କର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନୀଳଗିରି କଳା ବିକାଶ କେନ୍ଦ୍ରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ମୁଖ୍ୟ ଅତିଥି ସ୍ୱାଧୀନତା ଦିବସ ପାଳନ ଏବଂ ଯେଉଁ ମହାପୁରୁଷ ମାନଙ୍କର ଅବଦାନ ପାଇଁ ଆମେ ସ୍ୱାଧୀନ ଭାରତୀୟ ବୋଲି ଗର୍ବ ଅନୁଭବ କରୁଛେ ସେମାନଙ୍କୁ ମନେପକାଇବା ଏବଂ ସେମାନଙ୍କର ସ୍ମୃତିଚକ୍ଷରଣ କରିବା ଉଚିତ ବୋଲି ମୁଖ୍ୟ ଅତିଥି ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ଅନ୍ୟତମ ଅତିଥି ନୀଳଗିରି ଉପଖଣ୍ଡ ପୋଲିସ ଅଧୀକ୍ଷକ ଉପାଧ୍ୟାୟ ସାର ଉପସ୍ଥିତ ରହି ଛୋଟ ଛୋଟ ପିଲାମାନଙ୍କର ନାଚଗୀତକୁ ଉପଭୋଗ କରିବା ସହିତ ଏହି ଜାତୀୟ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ରଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କର ୪ଗୋଟିସ୍ତର କରାଯାଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୁଇଜ୍, ତର୍କ, ବକ୍ତୃତା ଓ ଜାତୀୟ ସଙ୍ଗୀତ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥି ସହିତ ୨୦୨୩ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉପଖଣ୍ଡ ଟପ୍ପର ହୋଇଥିବା ୩ଜଣ ଛାତ୍ରଛାତ୍ରୀଙ୍କ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟ ସ୍ତରରେ ମଧ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଉପଖଣ୍ଡର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃଷକ, ଶିକ୍ଷକ, ସମାଜସେବୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମାଳ ମାଳ ସାପ ଜବତ: ୩ ଜଣ ବେପାରୀଙ୍କୁ ଗିରଫ କଲା ବନ ବିଭାଗ

ଲଙ୍ଗଳେଶ୍ୱର : ଚାନ୍ଦିପୁର ବନବିଭାଗ କୁ ବଡ ସଫଳତା ମିଳିଛି ରାଜ୍ୟ ବାହାରକୁ ବିଷଧର ସାପ ଚାଲାଣ ବେଳେ ରେଡ୍ କଲା ବନ ବିଭାଗ ଘଟଣା ରୁ ପ୍ରକାଶ ବାଲିଆପାଳ ଥାନା ରତେଇ ପଞ୍ଚାୟତର ଭୋଲୁପୁରା ଗ୍ରାମର ୨୯ ରୁ ଉର୍ଦ୍ଧ୍ୱ ସାପ ଜବତ ହୋଇଛି। ଏହି ରାକେଟ ରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତ ଙ୍କୁ ଗିରଫ ପରେ ଜେରା କରୁଛି ବନ ବିଭାଗ, ଭୋଗରାଇ ଅଞ୍ଚଳର ସ୍ୱାମୀ ସ୍ତ୍ରୀ ଭେଲୋପୁରା ଅଞ୍ଚଳରେ ରହିଁ ଚଳାଇଥିଲେ ଏହି ରାକେଟ,କୁ ଆଜି କୌଣସି ସୂତ୍ରରୁ ଖବର ପାଇ ଚାନ୍ଦିପୁର ବନ ବିଭାଗ ଚଢାଉ କରି ସାପ ଜବଦ କରିବା ସହିତ ବ୍ୟବସାୟ ରେ ସମ୍ପୃକ୍ତ କମଳଲୋଚନ ପଣ୍ଡା, ଗୋ ?ରାଙ୍ଗ ଗିରି, ମମତା ମାନ୍ନା ଙ୍କୁ ଗିରଫ କରାଯାଇଛି। ଚଢ଼ାଉ ସମୟରେ ଭୁବନେଶ୍ୱର ରୁ ଶୁଭେନ୍ଦୁ ମଲ୍ଲିକ, ବାଲେଶ୍ୱର ଏସିଏଫ ସୁବଳ ଚାନ୍ଦ, ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା, ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ, ଲଙ୍ଗଳେଶ୍ୱର ଫରେଷ୍ଟର ଶଶିଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ବନ ସୁରକ୍ଷା କର୍ମକର୍ତ୍ତା ଚଢ଼ାଉ ରେ ସାମିଲ ହୋଇଥିଲେ।

# ଜଳେଶ୍ୱରରେ ୧୩୧୭ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

ଜଳେଶ୍ୱର , ୧୬/୦୮ (ନି.ପ୍ର): ସ୍ୱାଧିନତା ଦିବସ ଅବସରରେ ସ୍ଥାନୀୟ ମୂରଲୀକଣ୍ଠୋଣ ମଣ୍ଡପରେ ଅନୁଷ୍ଠିତ ଏହି ପଟ୍ଟବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଉପଜିଲ୍ଲାପାଳ କୁନାଲ ଚୌହାନ, ତହସିଲଦାର ମିହିର ରଂଜନ ବେହେରା, ମାନସ ଜେନା, ପ୍ରତାପ ପ୍ରଧାନ, ଅତିରିକ୍ତ ତହସିଲଦାର ଅମ୍ଳାନ କୁମାର ନାୟକ, ପୌରଅଧିକାରୀ ଅଜୟ କୁମାର ମହାପାତ୍ର ଯୋଗ ଦେଇ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି । ବେବନ୍ଦୋବସ୍ତ ପଟ୍ଟା, ଦୁଇ ଖାନା ପଟ୍ଟା, ସଂଶୋଧିତ ପଟ୍ଟା, ଉତ୍ତରାଧିକାରୀ ପଟ୍ଟା ପ୍ରଭୃତି ୧୨୦୦ ହିତାଧିକାରୀ ମାନଙ୍କୁ ବଣ୍ଟନ କରାଯାଇଥିଲା ବେଳେ ନହଞ୍ଜରା ଗ୍ରାମରେ ୧୧୭ ଜଣଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo